୬

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୭ ● ୨ ଫେବୃୟାରୀ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-7 ● 2nd February 2024, Friday ● Bhubaneswar

Licensed to post without pre-payment of postage No- BN-60/22-24

ବିସିସିଆଇ ପୂର୍ବତନ ଅଧ୍ୟକ୍ଷ ଏନ୍. ଶ୍ରୀନିବାସନଙ୍କ କମ୍ପାନୀରେ ଇଡି ରେଡ୍

ଅନ୍ତରୀଣ ବଜେଟ୍‌ରେ ଗରିବ, ମହିଳା, ଯୁବ ବର୍ଗ ଓ କୃଷକଙ୍କ ଉପରେ ଫୋକସ

ନୂଆଦିଲ୍ଲୀ, ୧।୨

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ଶେଷ ବଜେଟ୍ ଉପସ୍ଥାପନ କରିବା ସହ ଅନ୍ତରୀଣ ବଜେଟ୍ ୨୦୨୪ ଉପସ୍ଥାପିତ କରିଛନ୍ତି । ଅର୍ଥମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ରର ବିଜେପି ନେତୃତ୍ୱାଧୀନ ସରକାର ବିକାଶ ପାଇଁ ଏକ ଆଭିମୁଖ୍ୟ ସହିତ କାମ କରିଛନ୍ତି ଯାହା ସର୍ବାଙ୍ଗୀନ ଏବଂ ସର୍ବବ୍ୟାପୀ ରହିଛି ।

ଗରିବ, ମହିଳା, କୃଷକ ଓ ଯୁବବର୍ଗଙ୍କ ବିକାଶ ଉପରେ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଛି ବୋଲି ସୀତାରମଣ କହିଛନ୍ତି । କୃଷକଙ୍କ ଆୟ ବୃଦ୍ଧି, ମହିଳା ସଶକ୍ତିକରଣ ଏବଂ ଯୁବବର୍ଗଙ୍କ ପାଇଁ ଅଧିକ ନିଯୁକ୍ତି ସୃଷ୍ଟି ଉପରେ ସରକାର ଗୁରୁତ୍ୱ ଦେବେ ବୋଲି ସାଧାରଣରେ ଆଶା କରାଯାଉଥିଲା ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ଗରିବ, ମହିଳା, ଯୁବକ ଓ କୃଷକଙ୍କ ଉପରେ ସରକାରଙ୍କ ଫୋକସ ରହିଛି । ଗରିବ, ମହିଳା, ଯୁବ ଓ ଅନ୍ନଦାତାଙ୍କ ଉନ୍ନତି ପାଇଁ ଆମକୁ ଧ୍ୟାନ ଦେବାକୁ ପଡ଼ିବ । ସେମାନଙ୍କ *(ପୃଷ୍ଠା ୭ରେ)*

ସଂକ୍ଷେପରେ ଅନ୍ତରୀଣ ବଜେଟ୍

- ପ୍ରତିମାସରେ ମାଗଣାରେ ମିଳିବ ୩୦୦ୟୁନିଟ ବିଜୁଳି । ଏହାଦ୍ୱାରା ୧କୋଟି ଲୋକଙ୍କୁ ଲାଭ ମିଳିବ ।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ତିନିକୋଟି ଘର ନିର୍ମାଣ ହେବ । ଆଗାମୀ ୫ବର୍ଷ ମଧ୍ୟରେ ଗ୍ରାମାଞ୍ଚଳରେ ଆହୁରି ୨କୋଟି ଘର ନିର୍ମାଣ ହେବ ।
- ଗର୍ଭାଶୟ କର୍କଟକୁ ରୋକିବା ପାଇଁ ୯-୧୪ ବର୍ଷ ବୟସର ବାଳିକାମାନଙ୍କ ପାଇଁ ମାଗଣା ଟିକାକରଣ ଅଭିଯାନ ଆରମ୍ଭ ହେବ । ଏହି ଅଭିଯାନର ଆରମ୍ଭ 'ମିଶନ ଇନ୍ଦ୍ରଧନୁଷ' ଅଧୀନରେ ଆରମ୍ଭ ହେବ ।
- ଏଯାବତ ୧କୋଟି ମହିଳାଙ୍କୁ ଲକ୍ଷପତି ଦିଦି କରାଯାଇଛି । ଏହି ଲକ୍ଷ୍ୟକୁ ଦୁଇକୋଟିରୁ ବୃଦ୍ଧି କରି ତିନିକୋଟି କରାଯାଇଛି ।
- ଆୟକରରେ କୌଣସି ପରିବର୍ତ୍ତନ ହେବନାହିଁ ।
- ଖବୁଶୀଘ୍ର ସରକାର ମଧ୍ୟବିତ୍ତଙ୍କ ପାଇଁ ହାଉସିଂ ସ୍କିମ ଆଣିବେ ।
- ୩ଟି ନୂଆ ରେଳ କରିଡର ନିର୍ମାଣ କରାଯିବ । ଏଥିସହିତ 'ବନ୍ଦେ ଭାରତ'ର ୪୦୦୦୦ ବଗି ଅପଗ୍ରେଡ ହେବ । ମଟ୍ରୋ ଓ 'ନମୋ ଭାରତ'କୁ ଅନ୍ୟ ସହର ସହିତ ସଂଯୋଗ କରାଯିବ ।
- ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରାଯିବ ।
- ଜିଡିପିର ବିକାଶ ଉପରେ ସରକାରଙ୍କ ଫୋକସ ରହିଛି ଏବଂ ଏଥିପାଇଁ ସରକାରଙ୍କ ପ୍ରୟାସ ଫଳପ୍ରଦ ହେଉଛି ।
- ଅଙ୍ଗନୱାଡି ସେଣ୍ଟରକୁ ଅପଗ୍ରେଡ କରାଯିବ । ଆଶାକର୍ମୀ, ଅଙ୍ଗନୱାଡିକର୍ମୀ ଓ ସହକର୍ମୀଙ୍କୁ ଆୟୁଷ୍ମାନ ଯୋଜନାରେ ଲାଭ ମିଳିବ ।

ରାଜ୍ୟର ନୂଆ ସୂଚନା କମିଶନର ହେଲେ ଜଗନ୍ନାଥ ରଥ

ଭୁବନେଶ୍ୱର, ୧।୨ : ନ୍ୟୁଜ୍ ବ୍ୟୁରୋ

ବରିଷ୍ଠ ଆଇନ୍‌ଜୀବୀ ଜଗନ୍ନାଥ ରଥ ହେଲେ ରାଜ୍ୟର ନୂଆ ସୂଚନା କମିଶନର । ଏ ନେଇ ରାଜଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆଇନଜୀବୀ ଭାବେ ତାଙ୍କର ୨୫ବର୍ଷର *(ପୃଷ୍ଠା ୭ରେ)*

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

ଦେଶର ବିକାଶକୁ ଗତି ମିଳିବ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧।୨

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ଏହି ବଜେଟ ଦେଶର ବିକାଶକୁ ତ୍ୱରାନ୍ୱିତ କରିବ । ଯୁବ, କୃଷକ, କ୍ଷୁଦ୍ର ଉଦ୍ୟୋଗପତି ଓ ମହିଳାଙ୍କ ପାଇଁ ଏହି ବଜେଟ୍ ଅତ୍ୟନ୍ତ ସ୍ୱତନ୍ତ୍ର ବୋଲି ସେ କହିଛନ୍ତି । ଏହି ଐତିହାସିକ ବଜେଟ୍ ୨୦୪୭ ପର୍ଯ୍ୟନ୍ତ ଦେଶର ବିକାଶ କରାଇବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ବଜେଟ ଅନ୍ତରୀଣ ହୋଇପାରେ କିନ୍ତୁ ଆଗାମୀ ବର୍ଷ ଗୁଡ଼ିକ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ *(ପୃଷ୍ଠା ୭ରେ)*

୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରାଯିବ

ନୂଆଦିଲ୍ଲୀ, ୧।୨

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ଶେଷ ବଜେଟ ଉପସ୍ଥାପନ କରିବା ସହ ଅନ୍ତରୀଣ ବଜେଟ ୨୦୨୪ ଉପରେ ନିଜର ଅଭିଭାଷଣ ଦେଇ କହିଛନ୍ତି ସାମ୍ପ୍ରତିକ ସମୟରେ ଭାରତୀୟ ଅର୍ଥନୀତିରେ ଅନେକ ପରିବର୍ତ୍ତନ ଆସିଛି । ୨୦୧୪ରେ ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦି ଦାୟିତ୍ୱ ଗ୍ରହଣ କରିଥିଲେ, ସେତେବେଳେ ଅନେକ ଚ୍ୟାଲେଞ୍ଜ ଥିଲା । ଅର୍ଥନୀତିକୁ ସୁଦୃଢ଼ କରିବା ସହ ଲୋକଙ୍କୁ ରୋଜଗାର ଦେବା ପାଇଁ ଜନସାଧାରଣଙ୍କ *(ପୃଷ୍ଠା ୭ରେ)*

ରେଳ ବଜେଟ୍‌ରୁ ଓଡ଼ିଶାକୁ ମିଳିବ ୧୦,୫୩୬ କୋଟି : ବୈଷ୍ଣବ

ନୂଆଦିଲ୍ଲୀ, ୧।୨

ୟୁପିଏ ସରକାର ଅମଳରେ ରେଳ ବଜେଟ୍‌ରେ ଓଡ଼ିଶା ପରି ଗୁରୁତ୍ୱପୂର୍ଣ୍ଣ ରାଜ୍ୟକୁ କ୍ରମାଗତଭାବେ ଅବହେଳା କରାଯାଉଥିଲା । କିନ୍ତୁ ମୋଦି ସରକାର ଅମଳରେ ଓଡ଼ିଶାରେ ଦ୍ରୁତ ଗତିରେ ରେଳ ବିକାଶ କାମ ଆଗେଇ ଚାଲିଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରକାଶ କରିଛନ୍ତି । ଗୁରୁବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଉପସ୍ଥାପିତ ଅନ୍ତରୀଣ ବଜେଟ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ୟୁପିଏ ସରକାରଙ୍କ ଅମଳରେ ଓଡ଼ିଶାକୁ ରେଳ ବଜେଟରେ ମାତ୍ର ୮୩୮ କୋଟି ଟଙ୍କାର ବ୍ୟୟବରାଦ କରାଯାଉଥିଲା । ଏହି ଅର୍ଥରେ ବର୍ଷକୁ ମାତ୍ର ୫୦ କିଲୋମିଟର ଲାଇନ ବିଛାଯାଉଥିଲା । କିନ୍ତୁ ମୋଦି ସରକାର ଅମଳରେ ଗତ ୩ ବର୍ଷ ହେଲା ହାରାହାରି ବର୍ଷକୁ ୧୦ ହଜାର କୋଟି ଓଡ଼ିଶାକୁ ଆସୁଛି । ଚଳିତ ଥର ଓଡ଼ିଶାକୁ ୧୦,୫୩୬ କୋଟି ଟଙ୍କାର ବ୍ୟୟବରାଦ କରାଇଛି । ଏବେ ବର୍ଷକୁ ୪୭୩ କିଲୋମିଟ ନୂଆ ଲାଇନ ବିଛାଯାଉଛି । ଯଦି ରାଜ୍ୟସରକାର ଶୀଘ୍ର ଜମି



ଅଧିଗ୍ରହଣ କରନ୍ତି ତେବେ କାମ ଆହୁରି ଦ୍ରୁତ ଗତିରେ ହୋଇପାରନ୍ତା ।

ସେ କହିଛନ୍ତି ଯେ ଓଡ଼ିଶାର କଟକ-ଭୁବନେଶ୍ୱର-ପୁରୀରେ ବନ୍ଦେ ମେଟ୍ରୋ ଚଳାଚଳ କରିବ । ତାପରେ ରାଉରକେଲା-ସମ୍ବଲପୁର-ଝାରସୁଗୁଡ଼ା କିମ୍ବା ତାଳଚେର ଅନୁଗୁଳରେ ଚଳାଚଳ ବିଷୟରେ ବିଚାର କରାଯିବ । ଓଡ଼ିଶାରେ ନୂଆ ପ୍ରକଳ୍ପ ପାଇଁ ୫୨ ହଜାର କୋଟି ବିନିଯୋଗ ହେବ ।

ସେ କହିଛନ୍ତି ପୂର୍ବରୁ ୟୁପିଏ ସରକାରଙ୍କ ଅମଳରେ ଯିଏ ରେଳ *(ପୃଷ୍ଠା ୭ରେ)*

୫-ଟି ଅଧ୍ୟକ୍ଷଙ୍କ ଅକ୍ଷର ଭୂମି ପରିଦର୍ଶନ: ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରସ୍ତୁତିର କଲେ ସମୀକ୍ଷା

ଭୁବନେଶ୍ୱର, ୧।୨ : ନ୍ୟୁଜ୍ ବ୍ୟୁରୋ

୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି କାର୍ତ୍ତିକ ପାଣ୍ଡିଆନ ଗୁରୁବାର ସନ୍ଧ୍ୟାରେ ଜନତା ମଇଦାନ ଓ ଅକ୍ଷର ଭୂମି ପରିଦର୍ଶନ କରି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଇଁ ଚାଲିଥିବା ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି ।

ସୂଚନାଯୋଗ୍ୟ ଯେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ରାଜ୍ୟର ସମସ୍ତ ବ୍ଲକ ଓ

ଗ୍ରାମ ପଞ୍ଚାୟତକୁ ଯୋଡିବା ସହିତ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଗୁଡିକର ଲାଇଭ ଷ୍ଟ୍ରିମିଙ୍ଗ, ଭାଷା ଓ ଏହାର ଭବିଷ୍ୟତ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ସମ୍ମିଳନୀରେ ଭାଷା ସମ୍ପର୍କରେ ଯେଉଁ ପ୍ରସ୍ତାବ ଗୃହୀତ ହେବ, ତାକୁ ଭିତ୍ତି କରି ଗୁରୁତ୍ୱପୂର୍ଣ୍ଣ ନୀତି ନିର୍ଦ୍ଧାରଣ କରି ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ସେ

ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା, ୫ କୃଷି ଅଧିକାରୀ ଓ କର୍ମଚାରୀ ବହିଷ୍କୃତ

ଭୁବନେଶ୍ୱର, ୧।୨ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାର ସବୁବେଳେ ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ଆଭିମୁଖ୍ୟ ପ୍ରଦର୍ଶନ କରି ଆସିଛନ୍ତି । ଯେତେ ପ୍ରଭାବଶାଳୀ ଅଧିକାରୀ ହୁଅନ୍ତୁ ନା କାହିଁକି, ଦୁର୍ନୀତିରେ ସେମାନେ ଲିପ୍ତ ଥିବାନେଇ ପ୍ରମାଣ ମିଳିବା ମାତ୍ରେ ରାଜ୍ୟ ସରକାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ଏଯାବତ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ସରକାରୀ ଅଧିକାରୀ ଦୁର୍ନୀତିରେ ସମ୍ପୃକ୍ତ ଥିବାନେଇ ପ୍ରମାଣ ମିଳିବା ପରେ ଚାକିରିରୁ ବହିଷ୍କୃତ ହୋଇ ସାରିଲେଣି । ଏହିକ୍ରମରେ ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ କୋର୍ଟ ଦ୍ୱାରା ଦଣ୍ଡିତ, କାର୍ଯ୍ୟରେ ଖିଲାପ ଏବଂ ଗୁରୁତର ଅସଦାଚରଣ ଅଭିଯୋଗରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୫ ଅଧିକାରୀ ଓ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି । ଏନେଇ ବିଭାଗ ପକ୍ଷରୁ ସବିଶେଷ ସୂଚନା ପ୍ରଦାନ କରାଯାଇଛି ।

ବହିଷ୍କୃତ କିମ୍ବା ବାଧ୍ୟତାମୂଳକ ଅବସର ଦିଆଯାଇଥିବା କର୍ମଚାରୀଙ୍କ ମଧ୍ୟରୁ ଜଣେ ପୂର୍ବତନ ସହକାରୀ କୃଷି ଯନ୍ତ୍ରୀ, ଜଣେ ପୂର୍ବତନ ଉଦ୍ୟାନକୃଷି ଉପନିର୍ଦ୍ଦେଶକ, ଜଣେ ପୂର୍ବତନ ମୃତ୍ତିକା ସଂରକ୍ଷଣ ଓଭରସିୟର ଏବଂ ଦୁଇଜଣ ପୂର୍ବତନ ଚତୁର୍ଥ ଶ୍ରେଣୀ କର୍ମଚାରୀ ରହିଛନ୍ତି । ଭିଜିଲାନ୍ସ କୋର୍ଟ ଦ୍ୱାରା ଦଣ୍ଡିତ ସହକାରୀ କୃଷି ଯନ୍ତ୍ରୀ ଏବଂ ଗୁରୁତର ଅସଦାଚରଣ ଅଭିଯୋଗରେ ବିଭାଗୀୟ ଶୃଙ୍ଖଳା କମିଟିର ସୁପାରିସକ୍ରମେ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି । ସେହିପରି ପୂର୍ବତନ ଉଦ୍ୟାନକୃଷି ଉପନିର୍ଦ୍ଦେଶକଙ୍କୁ ସରକାରୀ ଅର୍ଥର ଅପବ୍ୟବହାର ଓ ଅସଦାଚରଣ ଅଭିଯୋଗରେ ଏବଂ ଆଉ ଜଣେ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କୁ ଅସଦାଚରଣ ଓ କାର୍ଯ୍ୟରେ ଖିଲାପ ଯୋଗୁଁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ସେହିପରି ପୂର୍ବତନ ମୃତ୍ତିକା ସଂରକ୍ଷଣ ଓଭରସିୟରଙ୍କୁ ଭିଜିଲାନ୍ସ ଟ୍ରାପ କେଶ ଅଭିଯୋଗରେ ଆଗୁଆ ଅବସର ଦିଆଯାଇଛି ।

ଢେଙ୍କାନାଳର ମହିଷାପାଟରେ ନୂଆ-ଓ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ଦେଲେ ୫-ଟି ଅଧ୍ୟକ୍ଷ

ଢେଙ୍କାନାଳ, ୧।୨ : ନ୍ୟୁଜ୍ ବ୍ୟୁରୋ

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଗୁରୁବାର ଢେଙ୍କାନାଳ ଗସ୍ତରେ ଯାଇ ମହିଷାପାଟରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ପଢାଇଛନ୍ତି । କଠିନ ପରିଶ୍ରମ ହିଁ ସଫଳତା ହାସଲର ଏକ ମାତ୍ର ମାଧ୍ୟମ । ୫ବର୍ଷ ପରିଶ୍ରମ କଲେ ୫୦ବର୍ଷ ଜୀବନ ଭଲରେ କଟିବ । ଛାତ୍ରଛାତ୍ରୀଙ୍କୁ ସଫଳତା ହାସଲ ଲାଗି କଠିନ ପରିଶ୍ରମ ସହ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି ୫-ଟି *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨ ଫେବୃୟାରୀ, ଶୁକ୍ରବାର, ୨୦୨୪

କେନ୍ଦୁଝର : ମୋଚିବନ୍ଧ ପ୍ରାଥମିକ ବିଦ୍ୟାଳୟ ନିକଟରେ, ଆବର୍ଜନା, ଡେଙ୍ଗୁ ଆଶଙ୍କା।

ଦୁଇଟି ରାଜପଥ ପରସ୍ପରକୁ ସଂଯୋଗ କରୁଥିବା ସଦର ମହକୁମା ରାସ୍ତାରେ ଖାଲ, ବିପଦ ଆଶଙ୍କା । (ଫଟୋ : ସୁରଚିତ ନ୍ୟୁଜ)

ବୁଲାଦୁଆର ସାହି ଗଳି ରାସ୍ତାରେ ଭାରୀ ଯାନ ପାର୍କିଙ୍ଗ ଯାତାୟତରେ ସମସ୍ୟା ସୃଷ୍ଟି ।

ବ୍ୟାନ ସତ୍ତ୍ୱେ ଦିନବେଳେ ସହର ମଧ୍ୟରେ ଭାରିଯାନ ଚଳପ୍ରଚଳ । (ଫଟୋ : ସୁରଚିତ ନ୍ୟୁଜ)

୯୫୦ ରୋଗୀ ମାଗଣା ସ୍ୱାସ୍ଥ୍ୟସେବା ପାଇଲେ

ଧାମନଗର,ନ୍ୟୁଜ୍‌ବ୍ୟୁରୋ

ଧାମନଗର ବ୍ଲକ ମୁସ୍ତାଫାପୁର ଓ ଦୋବଲର ପଞ୍ଚାୟତରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଆମ ଓଡ଼ିଶା ନବୀନ ଓଡ଼ିଶା ଭଦ୍ରକ ଜିଲ୍ଲା ସଂଯୋଜକ ଡ. ସଞ୍ଜୟ ଦାସଙ୍କ ସଂଯୋଜନାରେ ମୁସ୍ତାଫାପୁର ପଞ୍ଚାୟତ ହାଟ ଠାରେ ଏହି ସ୍ୱାସ୍ଥ୍ୟ ଶିବିରରେ ଭୁବନେଶ୍ୱର, କଟକ ଓ ବାଲେଶ୍ୱର ଭଳି ବିଭିନ୍ନ ଜିଲ୍ଲାରେ ଥିବା ବଡ଼ ବଡ଼ ଡାକ୍ତରଖାନାର ଭେଷଜ, ଶଲ୍ୟ, ମେଡ଼ିସିନ, ଡାଇବେଟିସ, ଗେଷ୍ଟ୍ରୋ, ଶିଶୁ ବିଭାଗ ଭଳି ପାଖାପାଖି ୧୦ଟି ବିଭାଗର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ରୋଗୀମାନଙ୍କୁ ମାଗଣାରେ ପରୀକ୍ଷା ଓ ଔଷଧ ପ୍ରଦାନ କରାଯାଇଥିଲା। ସକାଳ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୯୫୦ ଜଣ ରୋଗୀ ନାମ ପଞ୍ଜିକରଣ କରି ଚିକିତ୍ସା ସେବା ପାଇ ଥିଲେ। ଡାକ୍ତର ସଞ୍ଜୟ ଦାସ,ସୁବାସନାୟକ , ସିଦ୍ଧାର୍ଥ ନାୟକ, ଅଭିଲିଶା ମହାନ୍ତି, ଶୁଭଶ୍ରୀ ବିଶ୍ୱାଳ, ପିଉ ମଣ୍ଡଳ, ଦିପେଶ ସେଠୀ ପ୍ରମୁଖ ରୋଗୀ ଦେଖିବା ସହ ମାଗଣ ରେ ଔଷଧ ବଣ୍ଟନ କରିଥିଲେ । ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ବିଜେଡ଼ି ବ୍ଲକ ସଭାପତି ଉମେଶ ମହାନ୍ତି, ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ପୂର୍ବତନ ସମିତି ସଭ୍ୟ ପ୍ରତାପ ସାମଲ, ସରପଞ୍ଚ ଜିସନାରା ବିବି ପ୍ରମୁଖ ଉପସ୍ଥିତ ଥିଲେ।

ଜିଲ୍ଲାପାଳଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,ନ୍ୟୁଜ୍‌ବ୍ୟୁରୋ

ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ କଲେକ୍ଟୋରେଟ୍ ଷ୍ଟାଫ୍ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଭାବବିହ୍ୱଳ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଶ୍ରୀ ଅମ୍ରିତ ରତୁରାଜଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଭିନ୍ନକ୍ଷମ ସଶକ୍ତିକରଣ ବର୍ଗରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି କେନ୍ଦ୍ରାପଡ଼ା। ସୁକନ୍ୟା ସମୃଦ୍ଧି ଯୋଜନାରେ ସର୍ବାଧିକ ଝିଅଙ୍କ ନାମରେ ବ୍ୟାଙ୍କ ଖାତା ଖୋଲି ପୁରସ୍କୃତ ହୋଇଛି। ପୁରୁଣା ମେଡିକାଲ୍ ପରିସରରେ ଗଢ଼ିଉଠିଛି 'ଭିନ୍ନକ୍ଷମ ଥଇଥାନ କେନ୍ଦ୍ର' ଯାହାକି ଦିବ୍ୟାଙ୍ଗ ମାନଙ୍କ ଜୀବନରେ ଆଣିପାରିବ ବୈପ୍ଳବିକ ପରିବର୍ତନ। ଜିଲ୍ଲାର ମା' ଭଉଣୀ ମାନଙ୍କୁ ସଶକ୍ତ କରିବା ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ୭୦୦କୋଟିର ବ୍ୟାଙ୍କ ଋଣ ମିଶନ ଶକ୍ତି ଜରିଆରେ ପ୍ରଦାନ କରାଯାଇଛି। ବଗପାଟିଆ ଠାରେ ଏକ ଥଇଥାନ କେନ୍ଦ୍ର ପ୍ରତିଷ୍ଠା ହୋଇପାରିଛି ବିସ୍ଥାପିତ ଜନ ସାଧାରଣଙ୍କ ପାଇଁ। ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଇଛାପୁର ନିକଟରେ ପ୍ରତିଷ୍ଠା ହୋଇଛି ନୂତନ ମେଡିକାଲ କ୍ୟାମ୍ପସ୍। ତାଙ୍କ ସମୟରେ ଜିଲ୍ଲା ସଂସ୍କୃତି ଭବନ କାର୍ଯ୍ୟକାରୀ ହୋଇପାରିଛି। ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଡେପୁଟି କଲେକ୍ଟର, ବିଭିନ୍ନ ତହସିଲ୍ ଓ ବ୍ଲକ୍‌ର ତହସିଲଦାର ଓ ବିଡିଓ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭି ଲାଇନ ଡିପାର୍ଟମେଣ୍ଟର ନିର୍ବାହୀ ଯନ୍ତୀ, କଲେକ୍ଟୋରେଟ୍ ଷ୍ଟାଫ୍ କମିଟିର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

ଶିଶୁ ସୁରକ୍ଷା ଯୋଜନା ସମ୍ପର୍କିତ ସଚେତନତା ରଥ ବୁଲିଲା

ଭଦ୍ରକ,ନ୍ୟୁଜ୍‌ବ୍ୟୁରୋ

ମହିଳା ଓ ଶିଶୁ ବିକାଶ ବିଭାଗ ଅନ୍ତର୍ଗତ ଶିଶୁ ସୁରକ୍ଷା ୟୁନିଟ ତରଫରୁ ସାଧାରଣ ତନ୍ତ୍ର ଦିବସ ଅବସରରେରେ ଶିଶୁ ସୁରକ୍ଷା ଯୋଜନା ସମ୍ପର୍କିତ ଏକ ସଚେତନତା ରଥ ବାହାରି ସହର ପରିକ୍ରମା କରିଛି। ଅଠର ବର୍ଷରୁ କମ୍ ବୟସର ଶିଶୁମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ସଚେତନତା ବାର୍ତ୍ତା ପ୍ରଚାର କରିଛି । ବିଶେଷକରି ବେଟି ବଚାଓ, ବେଟି ପଢାଓ, ବିଜୁ ଶିଶୁ ସୁରକ୍ଷା ଯୋଜନା, ବିଜୁ କନ୍ୟା ରତ୍ନ ଯୋଜନା, ଆଶୀର୍ବାଦ ଯୋଜନା ଓ ମିଶନ ବାତ୍ସଲ୍ୟ ଅନ୍ତର୍ଗତ ପୋଷ୍ୟ ସନ୍ତାନ ଗ୍ରହଣ ଓ ପୃଷ୍ଠପୋଷାକତାରେ ଅବହେଳିତ, ଅସୁରକ୍ଷିତ ଶିଶୁଙ୍କୁ ଆର୍ଥିକ ସହାୟତା ସହ ଶିଶୁ ଯତ୍ନ ଅନୁଷ୍ଠାନରେ ଶିଶୁଙ୍କୁ ଥଇଥାନ ପାଇଁ ସମସ୍ତ ବ୍ୟବସ୍ଥା ରହିଛି। କୌଣସି ବ୍ୟକ୍ତି ଶିଶୁଟିଏ ବିପଦରେ ଥିଲେ ତୁରନ୍ତ ୧୦୯୮ (ଦେୟ ମୁକ୍ତ) ନମ୍ବରରେ ଜଣାଇ ପାରିବେ ବୋଲି ସଚେତନତା ବାର୍ତ୍ତା ପ୍ରଚାର କରାଯାଇଥିଲା। ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ, ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ, ଜନଗହଳି ସ୍ଥାନ, ଶିଶୁ ଆଶ୍ରମମାନଙ୍କରେ ରଥ ପରିକ୍ରମା କରିବା ସହ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ, ସୁରକ୍ଷା ଅଧିକାରିଣୀ ସ୍ୱାଗତିକା ବାରିକ, ବାହ୍ୟ କର୍ମୀ ମହେଶ ଦାଶ, ଦମୟନ୍ତୀ ଦାଶ, ଚିନ୍ମୟ ପଣ୍ଡା ସମେତ ତଥାଗତ ଜେନା, ରିୟାଜ ଅହମଦ ପ୍ରମୁଖ ପରିକ୍ରମାରେ ସହଯୋଗ କରିଥିଲେ।

'ଗଣତନ୍ତ୍ରର ସୁରକ୍ଷା ପାଇଁ ଭଲଲୋକଙ୍କୁ ନିର୍ବାଚିତ କର'

ଯାଜପୁର, ନ୍ୟୁଜ୍

ଗଣତନ୍ତ୍ରର ସଫଳ ରୂପାୟନ ଏବଂ ସାମଗ୍ରିକ ବିକାଶ ପାଇଁ ସୁଯୋଗ୍ୟ ଜନପ୍ରତିନିଧି ଅତ୍ୟାବଶ୍ୟକ। ବ୍ୟକ୍ତିତ୍ୱ, ଚରିତ୍ର, ଦକ୍ଷତା ଜଣେ ଜନପ୍ରତିନିଧିର ଅସଲ ଯୋଗ୍ୟତା। ଗଣତନ୍ତ୍ରର ସୁରକ୍ଷା ପାଇଁ ଭଲ ଲୋକଙ୍କୁ ନିର୍ବାଚିତ କରିବାକୁ ୭୫ ତମ ଗଣତନ୍ତ୍ର ଦିବସରେ ଧର୍ମଶାଳାରେ ବିଭିନ୍ନ ସ୍ଥାନରେ ଜାତୀୟ ପତାକା ଉତ୍ତୋଳନ କରି ସଂଗ୍ରାମୀ ଯୁବନେତା ସତୀଶ ବିଶ୍ୱାଳ ଆହ୍ୱାନ ଦେଇଛନ୍ତି। ଯାଜପୁର ଜିଲ୍ଲା ଧର୍ମଶାଳା ଓ ରସୁଲପୁର ବ୍ଲକର ବିଭିନ୍ନ ସ୍ଥାନରେ ଜାତୀୟ ପତାକା ଉତ୍ତୋଳନ କରି ସତୀଶ କହିଛନ୍ତି ଯେ, ଗଣତନ୍ତ୍ର ଦିବସରେ ଗଣତନ୍ତ୍ରର ସଫଳତା ପାଇଁ ସାଧାରଣ ଜନତା ସଂକଳ୍ପ ନିଅନ୍ତୁ। ଗଣତନ୍ତ୍ରର ଆତ୍ମା ହେଉଛନ୍ତି ସାଧାରଣ ଜନତା। ସାଧାରଣ ଜନତା ନିଷ୍ଠାପର ହୋଇ ଭଲ ଲୋକଙ୍କୁ ଜନପ୍ରତିନିଧି ଭାବେ ନିର୍ବାଚିତ କଲେ ଗଣତନ୍ତ୍ରର ସଫଳ ରୂପାୟନ ହେବ। ରାଜନୀତିକୁ ଏକ ବ୍ୟବସାୟ ମନେକରି ରାଜନୀତିରେ ପ୍ରବେଶ କରୁଥିବା ନେତାମାନେ ଗଣତନ୍ତ୍ର ପାଇଁ ବିପଦ ହୋଇଛନ୍ତି। ବାସ୍ତବରେ ରାଜନୀତି ହେଉଛି ସେବା ସର୍ବସ୍ୱ। ଲୋକସେବା କରିବାକୁ ରାଜନୀତିରେ ପ୍ରବେଶ କରୁଥିବା କେହି ନେତା ଅନ୍ୟ କିଛି କରିବା ସମ୍ଭବ ନୁହେଁ। ସ୍ୱାଧୀନତା ପାଇବା ପାଇଁ ଦେଶର ବହୁ ସଂଗ୍ରାମୀ ନିଜର ଜୀବନ ଦେଇଛନ୍ତି। ହେଲେ ଭଲ ଲୋକ ରାଜନୀତିରୁ ଦୂରେଇ ରହିବା ଏବଂ ରାଜନୀତିର ବ୍ୟବସାୟୀ କରଣ କରୁଥିବା ନେତା ମାନେ ଜନପ୍ରତିନିଧି ହେଉଥିବାରୁ ଦେଶର ସ୍ୱାଧୀନତାର ମୂଳ ଲକ୍ଷର ବିପନ୍ନ ହେଉଛି। ଧର୍ମଶାଳାର ପଟୁଣିଆ, ଜେନାପୁର, ରସୁଲପୁର ବ୍ଲକର ସିଙ୍ଗାପୁର ପ୍ରଭୃତି ସ୍ଥାନରେ ସତୀଶ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସର୍ବକନିଷ୍ଠ ସହିଦ ବାଜି ରାଉତ, ସିଙ୍ଗାପୁରର ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ସ୍ୱର୍ଗତ ଭଗବାନ ରଥଙ୍କ ପ୍ରତିଭୂର୍ତିରେ ସତୀଶ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ଆଦର୍ଶ ବିଦ୍ୟାଳୟ ତେତେଲେଙ୍ଗାର ବାର୍ଷିକ ଉତ୍ସବ

ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ

ବୌଦ୍ଧ ବ୍ଲକ ଆଦର୍ଶ ବିଦ୍ୟାଳୟ ତେତେଲେଙ୍ଗାର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁ ଯୋଗଦେଇଥିଲେ । ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଗଣେଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିବାପରେ ମଞ୍ଚାସୀନ ହୋଇଥିଲେ। ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ମୁଖ୍ୟଅତିଥି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଉକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କର ଜିଲ୍ଲା ତଥା ରାଜ୍ୟ ସ୍ତରରେ ହାସଲ କରିଥିବା କୃତିତ୍ୱକୁ ପ୍ରଶଂସା କରିବା ସହିତ ବିଭିନ୍ନ ପୌରାଣିକ ଉଦାହରଣ ଦେଇ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପଥରେ ସାଧନା କରି ନିଜ ନିଜର ପ୍ରତିଭାର ବିକାଶ କରିବାକୁ ବକ୍ତବ୍ୟ ରଖିଥିଲେ । ସମ୍ମାନୀତ ଅତିଥି ଭାବେ ୬ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା କଳ୍ପନା ରାଣୀ ସାହୁ, ସହଗୋଷ୍ଠୀ ଶିକ୍ଷା ଅଧିକାରୀ ହରଭଙ୍ଗାର ଅଖିଳ କୁମାର ପ୍ରଧାନ, ବୌଦ୍ଧ ବ୍ଲକ ମୋ ସ୍କୁଲ ନୋଡାଲ ଅଫିସର ସ୍ୱରାଜ କହଁର, କମ୍ପୁ ପ୍ରସାଦ ଲୁହା ଅଧ୍ୟକ୍ଷ ଆଦର୍ଶ ବିଦ୍ୟାଳୟ ମଣିପୁର, ଅନନ୍ତ ପ୍ରଧାନ ଅଧ୍ୟକ୍ଷ ଆଦର୍ଶ ବିଦ୍ୟାଳୟ ଆଇଁଲାଚୁଆଁ, ସ୍ୱାଧୀନ ବିଶ୍ୱାଳ ଅଭିଭାବକ ସଂଘ ସଭାପତି ତେତେଲଙ୍ଗା ମଞ୍ଚାସୀନ ହୋଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ନିହାରବାଳା ବେହେରା ଅତିଥି ପରିଚୟ କରିଥିବା ବେଳେ ଶିକ୍ଷକ ଜେନି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଭିଭାବକ/ଅଭିଭାବିକା ସ୍କୁଲର ଛାତ୍ରଛାତ୍ରୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ ।

ଶଙ୍ଖେଶ୍ୱରୀ ଦେବୀଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ

କଟକସଦର,ନ୍ୟୁଜ୍‌ବ୍ୟୁରୋ

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସିଦ୍ଧେଶ୍ୱରପୁର-୧ ସ୍ଥିତ ଶ୍ରୀ ଶ୍ରୀ ଶଙ୍ଖେଶ୍ୱରୀ ଦେବୀଙ୍କ ନବମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମାହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପାଞ୍ଚଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା।ଗୁରୁବାର ସନ୍ଧ୍ୟାରେ ଏହି ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞର ବିଭିନ୍ନ ଦିବସରେ କଳସ ଯାତ୍ରା, ସୂର୍ଯ୍ୟ ପୂଜା, ଗୋ ପୂଜା,ବାସୁଦେବ ଅଭିଷେକ, ଚଣ୍ଡୀ ଆହୁତି ଆଦି ଅନୁଷ୍ଠିତ ହୋଇଥିଲା।

ସିଦ୍ଧେଶ୍ୱରପୁର-୧ ସ୍ଥିତ ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଯଜ୍ଞରେ ବିଷ୍ଣୁ ଚରଣ ଆଚାର୍ଯ୍ୟ କର୍ତ୍ତା ଓ ସୁଲୋଚନା ଆଚାର୍ଯ୍ୟ କର୍ତ୍ତି ହୋଇଥିବା ବେଳେ ଚନ୍ଦ୍ର ଶେଖର ପଣ୍ଡା ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ଯଜ୍ଞ କମିଟି ସଭାପତି ସରୋଜ କୁମାର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁଶୀଲ କାନ୍ତ ମିଶ୍ର, ନିରଞ୍ଜନ ଆଚାର୍ଯ୍ୟ, ତ୍ରିଲୋଚନ ଆଚାର୍ଯ୍ୟ, ନାରାୟଣ ଦଳାଇ, ଯୋଗେନ୍ଦ୍ର ସାହୁ,ପ୍ରଭାତ କୁମାର ଆଚାର୍ଯ୍ୟ, ମଦନ ମୋହନ ଆଚାର୍ଯ୍ୟ, ସଞ୍ଜୀବ ଆଚାର୍ଯ୍ୟ, ପୁନାନନ୍ଦ ଆଚାର୍ଯ୍ୟ, ବ୍ରହ୍ମାନନ୍ଦ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ସାହୁ, ସଦାଶିବ ବେହେରା, ବିଶ୍ୱ ରଞ୍ଜନ ଆଚାର୍ଯ୍ୟ, ରାକେଶ ଆଚାର୍ଯ୍ୟ, ତାପସ ଆଚାର୍ଯ୍ୟ, ସୁଶାନ୍ତ ମିଶ୍ର,ବିକାଶ ଆଚାର୍ଯ୍ୟ, ସତ୍ୟବ୍ରତ ସାହୁ, ରାଜେଶ ଦଳେଇ, କ୍ଷୀରୋଦ ଚନ୍ଦ୍ର ସାହୁ, ବିଶ୍ୱଜିତ ସାହୁ, ସ୍ମୃତି ସାହୁ, ସିତୁନ ସାହୁ, ସୁବ୍ରତ ସାହୁ, ଚନ୍ଦନ ବାରିକ ପ୍ରମୁଖଙ୍କ ସହ ଯଜ୍ଞ କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ।

ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍‌ର ମିଳିତ ବୈଠକ

ରମ୍ଭା, ନ୍ୟୁଜ୍‌ବ୍ୟୁରୋ

ସ୍ଥାନୀୟ କଲେଜ ଛକ ପାର୍ଶ୍ୱରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ବୈଠକକୃଷକ ନେତା ଶରତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୭୫ତମ ଜନ ରାଜ୍ୟ ଦିବସ ଅବସରରେ ସମ୍ବିଧାନ ପ୍ରଦତ୍ତ ଗଣତାନ୍ତ୍ରିକ ନୀତି ସମ୍ବନ୍ଧରେ ଧର୍ମ ନିରପେକ୍ଷ ସଂଘୀୟ ବ୍ୟବସ୍ଥାର ସୁରକ୍ଷା ପାଇଁ ଦେଶ ବ୍ୟାପୀ ଗଣ ପଟୁଆର ଅବସରରେ ଅନୁରୂପ ଭାବେ ରମ୍ଭା ଠାରେ ଏକ ଆଲୋଚନା ଚକ୍ରର ଏକ ବୈଠକ ହୋଇଥିଲା। କାର୍ଯ୍ୟକ୍ରମରେ କୃଷକ ସଭାର ଗଞ୍ଜାମ ଜିଲ୍ଲା ସଭାପତି ପି. ହରେକୃଷ୍ଣ ରେଡି, ଖଲ୍ଲିକୋଟ ଜର୍ଣ୍ଣାଲ ସମ୍ପାଦକ ଦୁର୍ଗା ଚରଣ ପାତ୍ର, ପୂର୍ଣ୍ଣ ରଥ, ବି ଦଣ୍ଡପାଣି ପାତ୍ର, ଅଜୟ ଗୌଡ଼ ଖଲି ସ୍ୱାଇଁ, ଜେ. ଭାସ୍କର ପାତ୍ର, ଜେ. ଲୋକନାଥ ପାତ୍ର, ରାମ ପାତ୍ର, ସାବୁଲିୟ। ଶାଖା ସମ୍ପାଦକ ସନ୍ତୋଷ ଦଳେଇ, ଖଲି ତରେଇ, ଧର୍ମରାଜ ସ୍ୱାଇଁ, ସରପଞ୍ଚ ବୈରାଗୀ ବେହେରା, ଦୁର୍ଯ୍ୟୋଧନ ସ୍ୱାଇଁ, ଏ ରଘୁ ପାତ୍ର, ଏସ ରବୀନ୍ଦ୍ର ନାଥ ପ୍ରମୁଖ ଶତାଧିକ କର୍ମୀ ବୈଠକରେ ଭାଗ ନେଇଥିଲେ।

ରାଜ୍ୟସ୍ତରୀୟ ଶିକ୍ଷକ ଆନ୍ଦୋଳନରେ ବୌଦ୍ଧ ଜିଲ୍ଲା ସହଯୋଗ କରିବ

ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ

ବୌଦ୍ଧ ଜିଲ୍ଲା ନୂତନ ପେନସନ ବର୍ଗର ପ୍ରାଥମିକ ଶିକ୍ଷକ ସଂଘ ବୈଠକ ସ୍ଥାନୀୟ ରାଜବାଟୀସ୍ଥିତ ମାହେଶ୍ୱରୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଶିଶିର ଖଟୁଆ ସଭାପତିତ୍ୱ କରିଥିଲେ । ହରଭଙ୍ଗା ବ୍ଲକ ଭେଜିଗୋରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପରମାନନ୍ଦ ସାହୁଙ୍କର ଦୁର୍ଘଟଣା ଜନିତ ଦେହାନ୍ତ ହୋଇଯାଇଥିବାରୁ ଶୋକସଭା କରାଯାଇଥିଲା। ସରକାର ପ୍ରାଥମିକ ଶିକ୍ଷକ ମାନଙ୍କର କୌଣସି ଦାବି ବର୍ତ୍ତମାନ ପର୍ଯ୍ୟନ୍ତ ପୂରଣ କରିନଥିବାରୁ ଆଗାମୀ ଦିନରେ ରାଜ୍ୟସ୍ତରୀୟ ହେବାକୁ ଥିବା ଶିକ୍ଷକ ଆନ୍ଦୋଳନରେ ବୌଦ୍ଧ ଜିଲ୍ଲା ସହଯୋଗ କରିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ପଦୋନ୍ନତି ପାଇଁ ଜିଲ୍ଲାର ତିନି ବ୍ଲକରେ ଚାଲୁଥିବା କାର୍ଯ୍ୟ ଉପରେ ଆଲୋଚ଼ନା କରାଯାଇଥିଲା ଏବଂ କେତେକ ସାଙ୍ଗଠନିକ କାର୍ଯ୍ୟ ଉପରେ ନିଷ୍ପତ୍ତି ନିଆଯାଇଥିଲା। ବୌଦ୍ଧ ବ୍ଲକ ସଭାପତି ରାଜକୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଜିଲ୍ଲା ସମ୍ପାଦକ ମହେଶ ସେଠୀ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶମ୍ଭୁ ଗିରି, ହରଭଙ୍ଗା ବ୍ଲକ ସଭାପତି ରଜତ କୁମାର ନାୟକ, ଅଶେଷ କୁମାର ପ୍ରଧାନ, ବିଭୀଷଣ ସାମଲ, ବୃନ୍ଦାବନ ଶତପଥୀ, ଗଣମାଧ୍ୟମ ସଂଯୋଜକ ବିଜୟ କୁମାର ସାହୁ, ବୌଦ୍ଧ ବ୍ଲକ ସମ୍ପାଦକ ଉ□ମ ନାଏକ, ଉପସଭାପତି ପ୍ରତାପ କୁମାର ବେହେରା, ନିରନ ମେହେର, ଶମ୍ଭୁପାଣି ମଲ୍ଲିକ, ରମାକାନ୍ତ ବେହେରା, କଞ୍ଚାମାଳ ବ୍ଲକ ନିର୍ମଳ ମହଲା, ହୃଦାନନ୍ଦ ଡାଙ୍ଗ, ପଦ୍ମନାଭ ପ୍ରଧାନ ପ୍ରମୁଖ ବିଭିନ୍ନ ଆଲୋଚ଼

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨ ଫେବୃୟାରୀ ୨୦୨୪ ଶୁକ୍ରବାର

ବାଲିଗୁଡାରେ ନୂତନ ଉପ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ

ଚଳିତ ମାସ ୨୨ ତାରିଖ ସୋମବାର ଦିନ ରାଜ୍ୟ ସରକାରଙ୍କ ଦ୍ୱାରା ଆଇଏଏସ ସ୍ତରରେ ବଦଳି ନିମନ୍ତେ ଜାରୀ କରାଯାଇଥିବା ଆଦେଶ ଅନୁଯାୟୀ ସୋମବାର ବାଲିଗୁଡାର ନୂତନ ଉପଜିଲ୍ଲାପାଳ ଭାବେ ଡ଼. ରୀନା ପ୍ରଧାନ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସେ ପୂର୍ବରୁ କେ.ବି.କେ ଅଞ୍ଚଳରେ ଡାକ୍ତର (ଆସିଷ୍ଟାଣ୍ଟ ସର୍ଜନ) ଭାବେ କାର୍ଯ୍ୟରତ ଥିବା ବେଳେ ଗତ ୨୦୨୧ ମସିହାରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ । ପ୍ରଶିକ୍ଷଣ ପରେ ପ୍ରଥମ କରି ବାଲିଗୁଡାର ନୂତନ ଉପଜିଲ୍ଲାପାଳ ଭାବେ କାର୍ଯ୍ୟଭାର ଗ୍ରହଣ କରି ଖୁସି ବ୍ୟକ୍ତ କରିବା ସହ ଉପଖଣ୍ଡର ଉନ୍ନତି ନିମନ୍ତେ ସମସ୍ତ ବିଭାଗର ସମନ୍ୱୟ ରଖି କାର୍ଯ୍ୟ କରିବା ଏବଂ ଆଗାମୀ ସାଧାରଣ ନିର୍ବାଚନ -୨୦୨୪କୁ ସୁରୁଖୁରୁ ଭାବେ ସମ୍ପାଦନ କରିବା ନିମନ୍ତେ ମତ ରଖିଛନ୍ତି । କାର୍ଯ୍ୟର ପ୍ରଥମ ଦିବସରେ ଉପଜିଲ୍ଲାପାଳ ସାଧାରଣ ନିର୍ବାଚନ ସମ୍ପାଦନ ପ୍ରକ୍ରିୟା ବିଷୟରେ ପଚାରି ବୁଝିବା ସହିତ କାର୍ଯ୍ୟାଳୟ ପରିସର ଏବଂ ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟରେ ହେବାକୁ ଥିବା ଇଭିଏମ ଷ୍ଟ୍ରଙ୍ଗ ରୁମ୍ ପରିଦର୍ଶନ କରିଥିଲେ ।

ସୁବର୍ଣ୍ଣପୁର ନୂତନ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ:ଜିଲ୍ଲାର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲାପାଳ ଭାବେ ୨୦୧୯ ବ୍ୟାଚ୍‌ର ଆଇଏଏସ ଅଫିସର ଅନ୍ୟା ଦାସ ପୂର୍ବାହ୍ନରେ ଯୋଗଦାନ ପୂର୍ବକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ତଥା ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଜିଲ୍ଲାପାଳଙ୍କୁ କାର୍ଯ୍ୟାଳୟରେ ସ୍ୱାଗତ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ପରେ ନୂତନ ଜିଲ୍ଲାପାଳଙ୍କ ସହ ଅଧିକାରୀ ଓ କର୍ମଚାରୀ ବୃନ୍ଦ ସୌଜନ୍ୟ ସାକ୍ଷତ କରିଥିଲେ । ସେ ଏହି ପରିପ୍ରେକ୍ଷୀରେ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଜିଲ୍ଲାର ପ୍ରତ୍ୟେକ ବିଭାଗ ନିଜ ବିଭାଗୀୟ କାର୍ଯ୍ୟକ୍ରମର ଲାଭ ଯେପରି ସମସ୍ତ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରିବ ସେଥିପାଇଁ ଯତ୍ନବାନ ହେବାକୁ

ପରାମର୍ଶ ଦେଇଛନ୍ତି । ପ୍ରତ୍ୟେକ ଅଧିକାରୀ, କର୍ମଚାରୀ ନିଜ ନିଜ କାର୍ଯ୍ୟରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ହେବାକୁ ଗୁରୁତ୍ୱାରୋପ କରିଛନ୍ତି । ଜିଲ୍ଲାପାଳ ଶ୍ରୀମତୀ ଦାଶ ଜିଲ୍ଲାପାଳ ଜିଲ୍ଲାସ୍ତରୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସାକ୍ଷତ ଆଲୋଚନା ସମୟରେ ଜିଲ୍ଲାର ଶିକ୍ଷା ସ୍ୱାସ୍ଥ୍ୟ, କୃଷି, ପର୍ଯ୍ୟଟନ ସହିତ ସହରର ଟ୍ରାଫିକ୍ ବ୍ୟବସ୍ଥାର ସୁଧାର ତଥା ଅପହଞ୍ଚ ଅଞ୍ଚଳର ମୌଳିକ ସମସ୍ୟାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ସହ ବିକାଶ କ୍ଷେତ୍ରରେ ଗୁରୁତ୍ୱ ପ୍ରଦାନ ପୂର୍ବକ କାର୍ଯ୍ୟ କରିବାକୁ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । ଏହା ସହିତ ଜିଲ୍ଲାର ସମଗ୍ର ବିକାଶ ପାଇଁ ମିଡିଆ ଓ ଜନ ସାଧାରଣଙ୍କ ସହଯୋଗ ଲୋଡ଼ିଛନ୍ତି । ଏହା ପୂର୍ବରୁ ସେ ବାରିପଦା ଉପଜିଲ୍ଲାପାଳ, ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ସେ ଦକ୍ଷତାର ସହିତ ଦାୟିତ ନିର୍ବାହ କରିଥିଲେ । ଅପରାହ୍ନରେ ଜିଲ୍ଲାପାଳ ଶ୍ରୀମତୀ ଦାଶ ଜିଲ୍ଲାପାଳ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ବିଭାଗ ବୁଲି ଦେଖିଥିଲେ ।

ଧର୍ମଶାଳାରେ ପରିବାର ସମ୍ପର୍କ ଓ ଘରେ ଘରେ ଶଙ୍ଖ ଅଭିଯାନ ପାଇଁ ପ୍ରସ୍ତୁତି

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନେତୃତ୍ୱରେ କଛତରୁ ଦାସ ଷ୍ଟାଡିୟମ୍ ଠାରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୫୪ ଗୋଟି ପଞ୍ଚାୟତର ସମସ୍ତ ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତ୍ତା ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଆଗାମି ଦିନରେ ହେବାକୁ ଥିବା ପରିବାର ସମ୍ପର୍କ ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ପ୍ରଶିକ୍ଷଣ ଶିବିରରେ ପର୍ଯ୍ୟବେକ୍ଷକ ତଥା ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ବିଶ୍ୱପ୍ରତାପ ସାହୁ କର୍ମୀମାନଙ୍କୁ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ କାର୍ଯ୍ୟକ୍ରମ ବିଷୟରେ ବୁଝାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଧର୍ମଶାଳା ପଞ୍ଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଓ ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷ ଅରୁଣ କୁମାର ରାଉତ ଉପସ୍ଥିତ ଥିଲେ ।

ଆସନ୍ତା ଫେବୃୟାରୀ ୩ରୁ ୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବ ଏକାମ୍ର ଉତ୍ସବ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଫେବୃୟାରୀ ୩ରୁ ୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବ ଏକାମ୍ର ଉତ୍ସବ । ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଉତ୍ସବର ମଜା ନେବେ ରାଜଧାନୀବାସୀ । ଲୋକଙ୍କ ମନୋରଞ୍ଜନ ପାଇଁ ଏକ ନୂତନ ରୂପରେ ପ୍ରଦର୍ଶନୀ ପଡିଆରେ ଆୟୋଜିତ ହେବ ଏକାମ୍ର ଉତ୍ସବ । ଏଥିରେ ଅନୁଷ୍ଠିତ ହେବ ସଙ୍ଗୀତର ମୂର୍ଚ୍ଛନା । ଯେଉଁଠାରେ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଦେଖିବାକୁ ମିଳିବ ନୃତ୍ୟ, ସଙ୍ଗୀତ, ଲାଇଭ ବ୍ୟାଣ୍ଡ ପରିବେଷଣ । ୭ ଦିନିଆ ଉତ୍ସବରେ ପ୍ରତି ସନ୍ଧ୍ୟାରେ ରହିବ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ । ପ୍ରଥମ ଦିନରେ ସ୍ମୃତି ତୁମେ ଅକ୍ଷୟ ଶୀର୍ଷକ କାର୍ଯ୍ୟକ୍ରମ ରହିଛି । ଏଥିରେ ଜ୍ୟୋତିର୍ମୟୀ, ଅଭିରାମ, ରାଜେଶ, କୃଷ୍ଣ ଓ ମିତ୍ରଭାନୁଙ୍କ ଭଳି କଳାକାର ଯୋଗଦେବେ । ସେହିପରି ୪ ଫେବୃୟାରୀ ସଙ୍ଗୀତର ତାଳେ ତାଳେ କାର୍ଯ୍ୟକ୍ରମରେ ଅନୁରାଧା ପୌଡୱାଲ, ସୁରେଶ ୱାଡେକର ଯୋଗଦେବେ । ୫ ତାରିଖରେ ଅଭୁଲା ଅତୀତ, ୬ରେ ଭାଷା ହିଁ ଭବିଷ୍ୟତ, ୭ରେ ବସନ୍ତର ସ୍ୱର, ୮ରେ ମୂର୍ଚ୍ଛନାର ଭିନ୍ନ ଏକ ସନ୍ଧ୍ୟା, ୯ରେ ତୁମେ ଚାହିଁଲ ବୋଲି କାର୍ଯ୍ୟକ୍ରମରେ ଜୁବିନ ନୌତାଆଲ ଯୋଗଦେବା କାର୍ଯ୍ୟକ୍ରମ ରହିଛି । ଏହାଛଡ଼ା ଉତ୍ସବରେ ଓଡ଼ିଶା ହାଣ୍ଡିଶାଳର ସୁଆଦିଆ ଖାଦ୍ୟର ମଜା ମିଳିବ । ହାତ ତିଆରି ଆଞ୍ଚଳିକ ଖାଦ୍ୟର ପ୍ରଚାର ପ୍ରସାର କରିବା ପାଇଁ ଆମ ବ୍ୟଞ୍ଜନ କାର୍ଯ୍ୟକ୍ରମ ସାମିଲ କରାଯାଇଛି । ଗୋଟିଏ ଷ୍ଟଲ୍‌ରେ ବାରିପଦା ମୁଢ଼ି ମାଂସ ଠାରୁ ଆରମ୍ଭ କରି ସାଲେପୁର ରସଗୋଲା ଯାଏଁ ପ୍ରତ୍ୟେକ ଜିଲ୍ଲାର ପ୍ରସିଦ୍ଧ ଖାଦ୍ୟ ଉପଲବ୍ଧ ହେବ । ଏକାମ୍ର ହାଟ ଠାରେ ଲୋକଙ୍କ ପାଇଁ ଅପରାହ୍ନ ୪ରୁ ରାତି ୧୧ ପର୍ଯ୍ୟନ୍ତ ରାତ୍ରି କାଳୀନ ବଜାର ଖୋଲିବ । ଭୁବନେଶ୍ୱର କାହାଣୀ ଉତ୍ସବ ବା ଭୁ-ଫେଷ୍ଟୋର ତୃତୀୟ ସଂସ୍କରଣ ଆକର୍ଷଣୀୟ କାହାଣୀ ସହିତ ପ୍ରମୁଖ ୪ଟି ଭିନ୍ନ ସ୍ଥାନ ଇନ୍ଦିରା ଗାନ୍ଧୀ ପାର୍କ, ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ, ଏପିଜେ ଅବଦୁଲ କାଲାମ ପାର୍କ ଏବଂ ନୀଳାଦ୍ରି ବିହାରର ବୁଦ୍ଧ ପାର୍କ ଠାରେ ଅନୁଷ୍ଠିତ ହେବ । ୭, ୮, ୯ରେ ଓଡ଼ିଆ ଭାଷା, କଳା ଓ ସଂସ୍କୃତି ଉପରେ ଏକ ଡ୍ରୋନ୍ ଶୋ ମଧ୍ୟ ଅନୁଷ୍ଠିତ ହେବ । ଏଥିରେ ୨୦୦ଟି ଡ୍ରୋନ୍ ସାମିଲ ହେବ ।

ରାୟଗଡ଼ାକୁ ଶିଶୁ ମିତ୍ର ଜିଲ୍ଲା ଗଠନ ପାଇଁ ପରାମର୍ଶ

ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲାରେ ଶିଶୁ ମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ପ୍ରଚେଷ୍ଟା ମାଧ୍ୟମରେ ତ୍ରୟମାସିକ ସମୀକ୍ଷା ବୈଠକ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାରେ ଶିଶୁମାନଙ୍କର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଥିବା କମିଟି ସମୂହ ଯଥା ଜିଲ୍ଲା ସ୍ତରୀୟ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତିକରଣ ଓ ବାଲ୍ୟବିବାହ ପ୍ରତିରୋଧ ଟାସ୍କ ଫୋର୍ସ ଏବଂ ଶିଶୁ ଶ୍ରମିକ ନିରାକରଣ କମିଟିର ସଦସ୍ୟ ସଦସ୍ୟାମାନେ ଯୋଗ ଦେଇଥିଲେ । ଏହି ମିଳିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ ଅଧକ୍ଷତା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଇତ ନିଜ ଅଭିଭାଷଣରେ କହିଥିଲେ ଯେ ଜିଲ୍ଲାରେ ପ୍ରତ୍ୟେକ ଶିଶୁ ମାନଙ୍କୁ ସୁରକ୍ଷା ଓ ବାଲ୍ୟ ବିବାହକୁ ରୋକିବା

ପାଇଁ ପ୍ରଶାସନର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛନ୍ତି । ବିଭାଗ ଗୁଡିକ ମଧ୍ୟରେ ଉତ୍ତମ ସମ୍ପର୍କ ଓ ସମନ୍ୱୟର ଜିଲ୍ଲାରେ ସମସ୍ତ ଶିଶୁ ମାନଙ୍କୁ ସୁରକ୍ଷା ଦେବା ସହିତ ରାୟଗଡା ଜିଲ୍ଲାକୁ ଶିଶୁ ମିତ୍ର ଜିଲ୍ଲା ହିସାବରେ ଗଢି ତୋଳିବାର ଆବଶ୍ୟକତା ରହିଛି । ଆଜି ଆମେ ଯେଉଁ କାର୍ଯ୍ୟ କରୁଛେ ତାହା ଆଗାମୀ ଦିନରେ ଜିଲ୍ଲା ପାଇଁ ସୁଫଳ ଆଣିଦେବ । ଗୋଟିଏ ବିଭାଗର କାମ ଅନ୍ୟ ବିଭାଗ ପ୍ରତି ପରୋକ୍ଷରେ ସହାୟକ ହେଉଛି ତେଣୁ ମିଳିତ ଭାବେ ଯୋଜନା କରି କାର୍ଯ୍ୟ ସମ୍ପାଦନ କରିବାର ଆବଶ୍ୟକତା ରହିଛି । କିଶୋର କିଶୋରୀ ମାନଙ୍କୁ ଶିକ୍ଷା ଓ ସଚେତନତା କରାଇବା ସହିତ ଶିଶୁ ମିତ୍ର ଜିଲ୍ଲା ଗଠନ ନିମନ୍ତ ପରାମର୍ଶ ଦେଇଥିଲେ । ସଂବେଦନଶୀଳ ଶିଶୁ ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଥଇଥାନ କରିବା ଓ ପୋଷ୍ୟ ସନ୍ତାନ ଗ୍ରହଣ ଉପରେ ଅଧିକ ଗୁରୁତ୍ୱ ଦେଲେ ଆମ ଜିଲ୍ଲାର ଅନେକ ଶିଶୁ ଉପକୃତ ହୋଇ ପାରିବେ ବୋଲି ଆଲୋଚନା ହୋଇଥିଲା । ବିଶେଷ କରି ଗ୍ରାମ ପଞ୍ଚାୟତ ସ୍ତରରେ ଏହାର ସଫଳ ରୂପାୟନ ନିମନ୍ତେ ସରପଞ୍ଚ, ୱାର୍ଡ ମେମ୍ବର ଓ ଅନ୍ୟ ପଞ୍ଚାୟତ ପ୍ରତିନିଧି ମାନଙ୍କର ପ୍ରମୁଖ ଭୂମିକା ରହିଥିବାରୁ ସେମାନଙ୍କୁ ଦାୟିତ୍ୱ ନେବାପାଇଁ ମତବ୍ୟକ୍ତ କରିଛନ୍ତି । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଶ୍ରୀ ବିଚିତ୍ରା ସେଠୀ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ପରିଡା ବୈଠକ ପ୍ରାରମ୍ଭରେ ସୂଚନା ଦେଇ କହିଥିଲେ ଯେ ଚଳିତ ୩ ମାସରେ ଜିଲ୍ଲାରେ ବ୍ଲକ ଓ ଗ୍ରାମ ପଞ୍ଚାୟତ ସ୍ତରରେ ଅନୁରୂପ ଭାବରେ ବ୍ଲକ ଓ ପଞ୍ଚାୟତ ସ୍ତରରେ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତିକରଣ ଓ ବାଲ୍ୟବିବାହ ପ୍ରତିରୋଧ ଟାସ୍କ ଫୋର୍ସ, ଶିଶୁ ଶ୍ରମିକ ନିରାକରଣ କମିଟିର ବୈଠକ ଅନୁଷ୍ଠିତ ହୋଇଛି । ଗତ ଦିନ ମାନଙ୍କରେ ଜିଲ୍ଲା ପ୍ରଶାସନ ତରଫରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପରିଡା ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ।

ଟ୍ରକ୍ ଧକ୍କାରେ ଦୁଇ ବାଇକ୍ ଆରୋହୀ ଗୁରୁତର

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଥାନା ଜଗଦୀଶପୁର ବାଇପାସ୍ ଛକ ନିକଟରେ ଟ୍ରକ୍ ଓ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ଦୁଇ ଜଣ ବାଇକ ଆରୋହୀ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ଆଠମଲ୍ଲିକ ବ୍ଲକ୍ ନୂଆଗାଁ ଗ୍ରାମର ବିଜୟ କୁମାର ଝାଙ୍କର ଓ ତାଙ୍କର ଜଣେ ସମ୍ପର୍କୀୟ ଘୋଡାଗାଡି ଗ୍ରାମର ବାବୁଲା ବାଘ ଏକ ବାଇକ୍ ଯୋଗେ ମହାନଦୀ ବ୍ରିଜ୍ ଛକ ପଟରୁ ତେତେଲେଙ୍ଗା ଆଡକୁ ଯାଉଥିବା ବେଳେ ଜଗଦୀଶପୁର ବାଇପାସ୍ ଛକ ନିକଟରେ ଏକ ଟ୍ରକ୍ ଧକ୍କା ଦେଇଥିଲା । ଫଳରେ ବାଇକ୍‌ରେ ଥିବା ଉଭୟ ଆରୋହୀ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ପଠାଇଥିଲେ । ଉଭୟଙ୍କ ଅବସ୍ଥା ଗୁରୁତର ରହିଛି । ବୌଦ୍ଧ ଆଦର୍ଶ ଥାନା ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଟ୍ରକ୍ ଓ ବାଇକ୍‌କୁ ଜବତ କରି ତଦନ୍ତ କରୁଥିବା ସୂଚନା ମିଳିଛି ।

ଟିପ୍ପର ଧକ୍କାରେ ବାଇକ୍ ଆରୋହୀ ମୃତ, ଜଣେ ଗୁରୁତର

ରାଇଘର, ନ୍ୟୁଜ୍ ବ୍ୟୁରୋ

କୁନ୍ଦେଇ ଥାନା ଅଧୀନରେ ଥିବା ହାଟଭରଣ୍ଡି ଗ୍ରାମର ସମ୍ପଦ ଗଣ୍ଡ ଟିପ୍ପର ଧକ୍କାରେ ଗୁରୁତର ଥିବାବେଳେ ରାଜୁ ଗଣ୍ଡ (୫୦)ଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ କୌଣସି କାମରେ ରାଜୁ ଏବଂ ସମ୍ପଦ ଦୁହେଁ କସକଙ୍ଗା ଯାଇଥିଲେ । ସନ୍ଧ୍ୟା ସାତଟାରେ ଫେରିବା ସମୟରେ ହିରି ଠାରେ ଥିବା ଭାରତମାଲା କ୍ୟାମ୍ପ ନିକଟରେ ଭାରତମାଲା କାମରେ ଲାଗିଥିବା ଟିପ୍ପର ଧକା ହୋଇଥିଲା । ଯାହାଫଳରେ ଚାଳକ ସମ୍ପଦ ଗୁରୁତର ଥିବା ବେଳେ ରାଜୁର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ଘଟିବା ସ୍ଥାନରେ ଉତ୍ତେଜନା ଦେଖାଯାଇଥିଲା । କୁନ୍ଦେଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲା । ପରିସ୍ଥିତି ଅଣାୟତ୍ତ ହେବାରୁ ଫୋର୍ସ ମୁତୟନ କରାଯାଇଥିଲା । ମୃତ ବ୍ୟକ୍ତିଙ୍କ କ୍ଷତି ପୁରଣକୁ ନେଇ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଚାଲିଥିବା ପୋଲିସ ପ୍ରକାଶ କରିଛି ।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାରିପଦା, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ତ୍ରିଦିବସୀୟ ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସାରସ୍ୱତ ଅତିଥି ଭାବେ ଓ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷା ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଚଳିତ ମାସ ୧୦-୧୧ ତାରିଖରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ସ୍ତରୀୟ ସାହିତ୍ୟ ପ୍ରତିଯୋଗିତା, ୧୮-୧୯ ତାରିଖରେ ଅନୁଷ୍ଠିତ ହୋଇଥିବା ଆନ୍ତଃ-ବିଶ୍ୱବିଦ୍ୟାଳୟ ସ୍ତରୀୟ ସାହିତ୍ୟ ପ୍ରତିଯୋଗିତା ଏବଂ ଏହି ତ୍ରିବସୀୟ କାର୍ଯ୍ୟକ୍ରମର ପ୍ରଥମ ଦିବସର ସମସ୍ତ ପ୍ରତିଯୋଗିତାର କୃତି ପ୍ରତିଯୋଗୀ

ମାନଙ୍କୁ ପୁରସ୍କାର ସହ ମାନପତ୍ର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ନୂଆ ଓ ନୋଡାଲ ଅଫିସର ପ୍ରଫେସର କବିତା କୁମାରୀ ସାହୁ ସ୍ୱାଗତ ଭାଷଣ ଓ କୁଳସଚିବ ସହଦେବ ସମାଧିଆ ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜିକା ଡ. ପ୍ରିୟଦର୍ଶିନୀ ସଂଘମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ହୋଇଥିବା ଆଲୋଚନା ଚକ୍ରର ପ୍ରଥମ ଅଧିବେଶନରେ ମୟୂରଭଞ୍ଜରେ ଓଡ଼ିଆ ଲୋକ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ରରେ ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର

ପକ୍ଷାଭିତ୍ତିକ
30 YEARS
ସମ୍ବାଦ କାଳିକା

୧୫ ଦିନରେ ରସୁଣ ଦର ଦୁଇଗୁଣା

କେତେବେଳେ ପିଆଜ ତ ଆଉ କେତେବେଳେ ରସୁଣ ଖାଉଟିଙ୍କୁ କନ୍ଦାଉଛି । ଏବେ ରସୁଣ ଦର ଯାହା ହେଲାଣି ଖାଉଟି ୧୦୦ ଗ୍ରାମ ରସୁଣ କିଣିବା ବେଳେ ବି ଅନେକ ଥର ଚିନ୍ତା କରୁଛନ୍ତି । ୧୫ଦିନ ଭିତରେ ରସୁଣ ଦାମ ଆକାଶ ଛୁଆଁ । ବଜାରରେ ରସୁଣ ପ୍ରାୟ ଉଭାନ ଭଳି ସ୍ଥିତି । ଯାହା କିଛି ରସୁଣ ମିଳୁଛି ସେଥିରେ ହାତ ମାରିହେଉନି । ଦାମ ଶୁଣି କିଣିବାକୁ ଡରୁଛନ୍ତି ଖାଉଟି । ଏବେ କିଲୋ ପିଛା ୪୦୦ରୁ ୫୦୦ ଟଙ୍କାରେ ବିକ୍ରି ହେଉଛି ରସୁଣ । ୧୦୦ ଗ୍ରାମ ରସୁଣ ଆଣିଲେ ୫୦ ଟଙ୍କା ପଡୁଛି । ଫଳରେ ଖାଉଟିଙ୍କୁ ପକେଟ୍ଟ ଏହା ବାଧୁଛି । କେବଳ ଦର ବଢ଼ିନି ପର୍ଯ୍ୟାପ୍ତ ପରିମାଣରେ ରସୁଣ ମଧ୍ୟ ଉପଲବ୍ଧ ହେଉନାହିଁ । ଖୁଚୁରା ବ୍ୟବସାୟୀମାନେ ଏତେ ଦାମ୍ ଥିବାରୁ କିଣିବାକୁ ଭୟ କରୁଛନ୍ତି । ଏପଟେ ବଜାରକୁ ନୂଆ ରସୁଣ ଆସିବାକୁ ଆହୁରି ୧୫ଦିନ ଲାଗିପାରେ । ସ୍ଥିତି ବିଗିଡ଼ି ରହିଥିବା ବେଳେ ଦାମ୍ ଆହୁରି ବୃଦ୍ଧି ପାଇବ ବୋଲି ବ୍ୟବସାୟୀମାନେ କହିଛନ୍ତି । ଓଡ଼ିଶା ରସୁଣ ପାଇଁ କାନପୁର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ସହ ଅନ୍ୟ କିଛି ରାଜ୍ୟ ଉପରେ ନିର୍ଭର କରୁଛି । ରାଜ୍ୟରେ ରସୁଣ ଉତ୍ପାଦନ ଅପେକ୍ଷାକୃତ କମ୍ । ବର୍ତ୍ତମାନ ଅମଳ ସମୟ । ଏବେ ରସୁଣର ଦାମ୍ କେଜି ପିଛା ୫୦ଟଙ୍କା ରହିବା କଥା । ମାତ୍ର ଦର ଏବେ ୫୦୦ଟଙ୍କାକୁ ବଢ଼ି ଯାଇଛି । ଗତବର୍ଷ ଏହି ସମୟରେ ୫୦ଟଙ୍କାରେ ରସୁଣ ମିଳୁଥିଲା । କର୍ପୋରେଟ୍ ହାଉସ୍ ଏଭଳି ଦାମ୍ ବୃଦ୍ଧି କରିବାର ମୁଖ୍ୟ କାରଣ । ଉତ୍ପାଦନ କମିଲେ ୪ରୁ ୫ପ୍ରତିଶତ ଦରବୃଦ୍ଧି ଘଟେ କିନ୍ତୁ ୪୦୦ରୁ ୫୦୦ ପ୍ରତିଶତ ଦର ବୃଦ୍ଧି ଘଟେ ନାହିଁ । କୁବେରପୁରୀ ବ୍ୟବସାୟୀ ସଂଘ ସଭାପତି ଶକ୍ତି ଶଙ୍କର ମିଶ୍ର କହିଛନ୍ତି, ଗୁଜରାଟର ଜାମନଗରରୁ ରସୁଣ ଆସୁଥିଲା, ଯାହା ବର୍ତ୍ତମାନ ସରିବାକୁ ବସିଲାଣି । ବର୍ତ୍ତମାନ ନୂଆ ରସୁଣ ଇନ୍ଦୋର, ନାଗପୁର ଓ ୟୁପିରୁ ଅମଳ ହେଉଛି । ସେଠି ବର୍ତ୍ତମାନ ନୂଆ ରସୁଣ ୩୦୦ଟଙ୍କାରେ ବିକ୍ରି ହେଉଛି । ଆଇଗିଣିଆରେ କିଲୋ ପିଛା ପାଇକାରୀ ଦର ୩୫୦ ଟଙ୍କା ରହିଛି । ତେବେ ଖୁଚୁରା ବଜାରରେ ଦର ଅଧିକ କରି ବିକ୍ରି କରୁଛନ୍ତି । ଓଡ଼ିଶାରେ ଖୁଚୁରା ଦର ନିୟନ୍ତ୍ରଣ ଲାଗି କୌଣସି ଆଇନ୍ ନାହିଁ । ଫଳରେ ଏମିତି ସ୍ଥିତି ବିଗିଡିଛି । ଖୁଚୁରା ବେପାରୀ କମ୍ରେ କିଣି ଚଢ଼ା ଦର କଷୁଛନ୍ତି । ଯାହା ଦ୍ୱାରା ଖାଉଟିଙ୍କ ପକେଟ୍ଟ ବାଧୁଛି । ଛତିଶଗଡ଼, ମହାରାଷ୍ଟ୍ର, ଇନ୍ଦୋରରୁ ରସୁଣ ଉତ୍ପାଦନ ହେଲେ ଆଗାମୀ ୮ରୁ ୧୫ଦିନ ଭିତରେ ଦର୍ ସ୍ୱାଭାବିକ୍ ହେବାର ସମ୍ଭାବନା ରହିଛି । ଏପଟେ ଦୁଇମାସ ପରେ ରାଜସ୍ଥାନରୁ ରସୁଣ ଆସିବ । ଏହି ସମୟ ବେଳକୁ ସ୍ଥିତିରେ ସୁଧାର ଆସିପାରେ ।ଏ ବେ ବଜାରରେ ରସୁଣ ମିଳୁନି । ଫଳରେ କେଜି ପିଛା ୫୦୦ ଟଙ୍କାରେ ବିକ୍ରି ହେଉଛି । ଏମିତିକି ନୂଆ ରସୁଣ ଦାମ୍ ବି ୪୦୦ଟଙ୍କା । ନୂଆ ରସୁଣ କମ୍ ଆସୁଛି, ଅଧିକ ରଖିଲେ ପଚିଯିବାର ସମ୍ଭାବନା ରହୁଛି । ବଜାରକୁ ଅଧିକ ରସୁଣ ନ ଆସିବା ଯାଏ ଦର ଚଢ଼ା ରହିବ ।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଜଗନ୍ନାଥ

ସତ୍ୟ ପାଶେ ଶାନ୍ତି ଦେଲ
ଦୟା ପାଶେ କ୍ଷମା ଦେଲ
ନାମ ଥୋଇ ଅନାମକୁ
ଗୁପତ କରିଲ
ହେ ପ୍ରଭୁ ଜଗତନାଥ
ମୁଁ
କୁହାର କୁହ (୫)
ସବୁ ଦେଇ ଶୂନ୍ୟ କଲ
ଶୂନ୍ୟ ବ୍ରହ୍ମ ବୋଲାଇଲ
ସେ ଶୂନ୍ୟ ବ୍ରହ୍ମ ପଦ୍ମକୁ
ଅଭିକି ନ ଦେଲ
ହେ ପ୍ରଭୁ ଜଗତନାଥ

ଶ୍ରୀ ଅଭିରାମ ସରସ୍ୱତୀ

ମୁଁ
କାହାର କୁହ (୬)
(କ୍ରମଶଃ)

ଭବିତବ୍ୟ ଯାହା ଅବଶ୍ୟ ଘଟିବ-୨୨

ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଏଇ ଦେଖ ତୁମର ମାତା ସୁମିତ୍ରା ମୂର୍ଚ୍ଛିତ ହୋଇ ତଳେ ଲୋଟି ପଡିଛନ୍ତି। ଏଭଳି ମର୍ମାହତ ଖବର ଶୁଣି ଉର୍ମିଳା ଆଉ ବଞ୍ଚିବା ଅବସ୍ଥାରେ ରହିନାହାନ୍ତି। କୁଳଗୁରୁ ବଶିଷ୍ଠ ଲୁଚି ଲୁଚି ଏପରି ଅଶ୍ରୁପାତ କରୁଛନ୍ତି ଯେ, ସେ ନିଜକୁ ସମ୍ଭାଳିବା ଅବସ୍ଥାରେ ଆଉ ନାହାଁନ୍ତି। ଏହି ସମୟରେ କୌଶଲ୍ୟା ବାୟାଣୀଙ୍କ ଭଳି ଆସି ଜାବାଳିଙ୍କ କୋଳରୁ ଲକ୍ଷ୍ମଣଙ୍କୁ ଟାଣିନେଇ ନିଜ ଛାତିରେ ଚାପିଦେଇ ଯେଉଁ କାନ୍ଦ କାନ୍ଦୁଛନ୍ତି, ସେ ହୃଦୟ ଫଟା କାନ୍ଦକୁ ଦେଖିଲେ ପଥର ମଧ୍ୟ ପାଣି ହୋଇଯିବ। ତାଙ୍କ ଲୁହର ତରଙ୍ଗକୁ ପୃଥିବୀର କୌଣସି ଶକ୍ତି ଅଟକାଇ ପାରିବନି। ଲକ୍ଷ୍ମଣଙ୍କ ଶରୀରଟା କଳାକାଠ ପରି ଦୃଶ୍ୟମାନ ହେଉଛି। ପାଟିରୁ ତାଙ୍କର ସାମାନ୍ୟ ଶବ୍ଦଟିଏ ମଧ୍ୟ ବାହାରି ପାରୁ ନାହିଁ ମାତା କୌଶଲ୍ୟାଙ୍କୁ କହିବା ପାଇଁ। ଲକ୍ଷ୍ମଣଙ୍କୁ କୋଳରେ ଧରି ଉଚ୍ଚସ୍ୱରରେ କାନ୍ଦୁଥିବା କୌଶଲ୍ୟାଙ୍କର ହଠାତ୍ ଚେତା ଚାଲିଗଲା। କୌଣସି ମତେ ଅସୀମ ଧୈର୍ଯ୍ୟ ଧରି ଧାଇଁ ଆସିଲେ ବଶିଷ୍ଠ କୌଶଲ୍ୟାଙ୍କ ନିକଟକୁ। ସେ ଉପଲବ୍ଧି କରିସାରିଲେଣି ସେ ନିଜେବି ଶୋକ ସମ୍ବରଣ ନ କରି ଯଦି ରଘୁ ବଂଶର ଏପରି ହୃଦୟ ବିଦାରକ ଶୋକାର୍ତ୍ତ ପରିସ୍ଥିତିକୁ ଖାଲି ଦେଖୁଥିବେ ତେବେ ଏପରି ସ୍ଥିତିରେ ରଘୁବଂଶ ପହଞ୍ଚିବ, ଯେଉଁଠିକି ଆସନ୍ତା କାଲିର ସୂର୍ଯ୍ୟୋଦୟ ପୂର୍ବରୁ, ଏମାନେ ସମସ୍ତେ ମୃତ୍ୟୁ ମୁଖରେ ପଡିଯିବେ। ତେଣୁ ଶୋକ ସମ୍ବରଣ କରି ବଶିଷ୍ଠ ଗୋଟିଏ ଜଳ ପରିପୂର୍ଣ୍ଣ ପାତ୍ର ଧରି କୌଶଲ୍ୟାଙ୍କ ନିକଟରେ ପହଞ୍ଚି ମୁହଁରେ ପାଣି କିଛି ସିଞ୍ଚନ କରିବା ପରେ କୌଶଲ୍ୟାଙ୍କ ଚେତା ଫେରିଲା। ସୁମିତ୍ରା ମୃତ କି ଜିବୀତ ସେ କଥା ଘେରି ରହିଥିବା ଦାସ ଦାସୀମାନେ କେହି ଜାଣି ପାରୁନାହାନ୍ତି। ସମସ୍ତେ ତାଙ୍କ ନିକଟରେ ଛିଡା ହୋଇ କାନ୍ଦୁଛନ୍ତି। ବଶିଷ୍ଠ ସଙ୍ଗେ ସଙ୍ଗେ ସୁମିତ୍ରାଙ୍କ ନିକଟକୁ ଯାଇ ବହୁସମୟ ତାଙ୍କ ମୁଖମଣ୍ଡଳରେ ଜଳ ସିଞ୍ଚନ କଲାପରେ ସୁମିତ୍ରାଙ୍କ ଚେତା ଫେରିଲା। ସୁମିତ୍ରାଙ୍କ ଅବସ୍ଥା ଏତେ ଭୟାନକ ସ୍ଥିତିରେ ପହଞ୍ଚିଯାଇ ଥାଏ ଯେ, କୌଣସି ବି ମୁହୂର୍ତ୍ତରେ ତାଙ୍କର ପ୍ରାଣ ଚାଲିଯାଇପାରେ। ଏପରି ଅବସ୍ଥାକୁ ସୁମନ୍ତ ଦେଖି ବଶିଷ୍ଠଙ୍କ କାନରେ ଅତ୍ୟନ୍ତ କ୍ଷୀଣ ସ୍ୱରରେ କହିଲେ।

କୈକେୟୀ ବସିଛନ୍ତି ଶ୍ରୀରାମଙ୍କ ନିକଟରେ। ଶ୍ରୀରାମଙ୍କ ମସ୍ତକକୁ କୋଳରେ ଧରି ତାଙ୍କ ମସ୍ତିଷ୍କ ଉପରେ ଆଉଁସି ଦେଉଛନ୍ତି ଏବଂ ପ୍ରବୋଧନା ଦେଉଛନ୍ତି ଏପରି ହୃଦୟବିଦାରକ ଶୋକରୁ ନିବୃତ୍ତ ହେବା ପାଇଁ, କିନ୍ତୁ ମାତା କୌଶଲ୍ୟାଙ୍କ ପ୍ରବୋଧନାର ଗୋଟିଏ ଶବ୍ଦ ବି ଶ୍ରୀରାମଙ୍କ କଣ୍ଠରେ ପଡୁନଥାଏ। ଗୋଟାଏ ମହାବଳ ବାଘ ଯେତେବେଳେ ଜୀବନ୍ତ ମଣିଷଟାକୁ ଖିନ୍‌ଭିନ୍ କରି ଥାଉଥାଏ, ଆଉ ସେ ମଣିଷ ଯେପରି ଛାତି ଫାଟିଯିବା ଭଳି ଚିତ୍କାର କରୁଥାଏ ଏବଂ ସେ ମଣିଷ ଜାଣିଯାଏ ଯେ ସେ ଆଉ ବଞ୍ଚିପାରିବନି, ଠିକ୍ ସେହି ଭଳି ଅବସ୍ଥାରେ ପହଞ୍ଚିଯାଇଛନ୍ତି ଶ୍ରୀରାମ। ତାଙ୍କ କାନ୍ଧରେ ସତେ ଯେପରି ପୃଥିବୀଟା ଦୁଇଫାଳ ହୋଇଯିବା ଭଳି ଜଣାପଡୁଥାଏ। ଏହି ଦୁର୍ବିସହ ସଙ୍କଟ କାଳରେ ରଘୁ ବଂଶର କନିଷ୍ଠ ରାଣୀ କୈକେୟୀ ଅତୀତରେ ଘଟିଯାଇଥିବା ଅସରନ୍ତି ମର୍ମଦାହର ପରିଭାଷା ଗୁଡିକ ମନେ ପଡିଯାଉଥିଲା। ହଜିଲା ଦିନର ରହସ୍ୟମୟତା ଭିତରେ ବିତାଇ ଥିବା ସୁଦୀର୍ଘ ଅପାସୋରା ଅଶ୍ଳିଳ ପରିଭାଷା, ଯାହା କେବଳ ସେହି ଈଶ୍ୱରଙ୍କ ନିକଟରେ ସମର୍ପିତ କରି ଆଗେଇ ଚାଲିଥିଲେ। ଏପରି ଅସହାୟତା ସବୁ ମଣିଷ ଜୀବନରେ ସମୟେ ସମୟେ ପହଞ୍ଚେ ଯାହାକୁ ସେ କଳ୍ପନାରେବି କରିନଥାଏ। ଜୀବନର ଶତ ଅନିଚ୍ଛା ସତ୍ତ୍ୱେ ବି ନିଃଶେଷ ହୋଇଯିବା ପାଇଁ ବାଧ୍ୟ ହୋଇଯାଏ। ସେହି କଥା ଗୁଡିକ ଆଜି ରଘୁବଂଶର ଅନ୍ତିମ ଲୀଳାରେ ମନେ ପକାଉଥାନ୍ତି କୈକେୟୀ। ତାଙ୍କ ଜୀବନର ଅତୀତ ଗୁଡାକ ଏତେ ଭୟାବହ ସେ କଥାକୁ ଚିନ୍ତାକଲାବେଳେ କୈକେୟୀଙ୍କର ଶ୍ୱାସକ୍ରିୟା ରୁଦ୍ଧ ହୋଇଯାଉ ଥାଏ, ମସ୍ତିଷ୍କ ବିଚଳିତ ହୋଇଯାଉଥାଏ, ଶୁଖିଲା ହାତ ଦୁଇଟାକୁ ଉଠାଇ କପାଳରେ କର ମାରିବା ଛଡା ତାଙ୍କ ନିକଟରେ ଆଉ କିଛି ବିକଳ୍ପ ନଥାଏ। ଚତୁର୍ଦ୍ଦିଗର ମହାଶୂନ୍ୟତା ତାଙ୍କୁ ଯେପରି କବଳିତ କରି ମୃତ୍ୟୁର ମହାସାଗର ଆଡକୁ ଟାଣି ନେଇଯାଉଥାଏ। ଶୋକାଭିଭୂତ ଶ୍ରୀରାମଙ୍କୁ କୋଳରେ ଧରି ଅତୀତକୁ ସ୍ମରଣ କରି ଚାଲିଥାନ୍ତି। ମନେ ପଡିଯାଉଥାଏ କେତେ କେତେ ଅପାସୋରା ଘଟଣା ଗୁଡାକ ସବୁ ଘଟିଗଲା ତାଙ୍କ କପାଳରେ। ରାମଚନ୍ଦ୍ରଙ୍କ କମଳ ନୟନରୁ ଲୁହ ପୋଛି ଦେଉଥିବା ବେଳେ ଭାବୁଛନ୍ତି ଅଶ୍ଳିଳ ଅତୀତର ମାନସିକ ଯନ୍ତ୍ରଣାରେ ପିଡୀତ ହୋଇ ଅରଣ୍ୟ ପ୍ରାନ୍ତରେ ଯେଉଁଦିନ ଅଯୋଧ୍ୟା ନରେଶ ଦଶରଥଙ୍କୁ ନିଜ କୋଳରେ ନିଦ୍ରିତ ଅବସ୍ଥାରେ ଗୋଟାଏ ବିଶାଳକାୟ ବଡ ବୃକ୍ଷ ତଳେ କ୍ଳାନ୍ତି ମେଣ୍ଟାଇବା ପାଇଁ ଆଶ୍ରୟ ନେଇଥିଲେ। ମହାରାଜା ସେଦିନ ନିଦାଘ ରୌଦ୍ରତାପକୁ ସହ୍ୟ କରିନପାରି କହିଥିଲେ 'ହେ କୈକେୟୀ ! ଦେଖ ଏହି ବିଶାଳ ବଟବୃକ୍ଷତଳେ କିଛି ସମୟ ବିଶ୍ରାମ କରି ଅଯୋଧ୍ୟାକୁ ଫେରିଯିବା। (କ୍ରମଶଃ)

କଙ୍କା-କାଳିଆ ବିଦ୍ରୋହ

ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

'କଙ୍କା-କାଳିଆ ବିଦ୍ରୋହ-୧୯୧୭' ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ଏକ ସ୍ୱଚ୍ଛ ଆଲୋଚିତ ବିଷୟ। ଅନେକ ବର୍ଷଧରି ଏହା ଲୋକକଥନରେ ସିମୀତ ହୋଇ ରହିଥିଲା। ସ୍ୱାଧୀନତାର ବହୁବର୍ଷ ପରେ ମୟୂରଭଞ୍ଜ ବିଷୟରେ ଜାଣିବାକୁ ଆଗ୍ରହୀ ଥିବା ଗବେଷକଙ୍କ ନଜରରେ ଏବିଷୟ ପଡ଼ିଥିଲା। ତତକାଳୀନ ବିକ୍ଷିପ୍ତ ତଥ୍ୟ ଓ ଲୋକକଥନର ଆଧାରରେ ଏହି ଘଟଣାର ଐତିହାସିକ ରୂପେରେଖ ପ୍ରସ୍ତୁତ କରାଗଲା। କୋଲକାତାର ଭାରତୀୟ ନୃତତ୍ତ୍ୱ ବିଭାଗର ଉପନିର୍ଦ୍ଦେଶକ ଡକ୍ଟର ପଶୁପତିନାଥ ମାହାତୋ ପ୍ରଥମେ ଏହା ଉପରେ କେତେକ ତଥ୍ୟ ଲୋକଲୋଚନକୁ ଆଣିଥିଲେ। ତାଙ୍କ ନିର୍ଦ୍ଦେଶରେ ଏହା ଉପରେ ମୁଁ ଏକ ଗବେଷଣାତ୍ମକ ନିବନ୍ଧ କୋଲକାତାର ସ୍ୱନାମଧନ୍ୟ ଅନୁଷ୍ଠାନ ଏସିଆଟିକ୍ ସୋସାଇଟିର ଏକ ବିଶେଷ ଅଧିବେଶନରେ ଉପସ୍ଥାପିତ କରିଥିଲି। କେତେକ ଖବରକାଗଜରେ ଏ ସମ୍ବନ୍ଧୀୟ ପ୍ରବନ୍ଧ ପ୍ରକାଶିତ ହୋଇଥିଲା। ପରବର୍ତ୍ତୀ ସମୟରେ ମହାବିଦ୍ୟାଳୟ ସ୍ତରୀୟ କେତେକ ଆଲୋଚନା ଚକ୍ରରେ ଏହା ସ୍ଥାନିତ ହୋଇଥିଲା ଓ ଐତିହାସିକଙ୍କ ଦୃଷ୍ଟି ଆକର୍ଷଣ କଲା।

କ୍ରମେ ଏହା ମୟୂରଭଞ୍ଜ ଇତିହାସର ଅଂଶବିଶେଷ ହୋଇଥିଲା। ଏହି ବିଦ୍ରୋହର କେନ୍ଦ୍ରସ୍ଥଳ ବେତନଟିଠାରେ ଗଢି ଉଠିଲା କଙ୍କା-କାଳିଆ କ୍ଲବ। ଏହି ସଂଗଠନ ପ୍ରତିବର୍ଷ ଏହା ଉପରେ ବାର୍ଷିକ ଉତ୍ସବ ପାଳନ କରିଆସୁଛି ଓ ଏହି ବିଦ୍ରୋହର ସ୍ୱର୍ଣ୍ଣିମ ଗାଥାକୁ ପ୍ରସାର କରିଆସୁଛି। ବର୍ତ୍ତମାନର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଝାଡଖଣ୍ଡ ରାଜ୍ୟର ରାଜ୍ୟପାଳ ଥିବା ସମୟରେ ଏହାର ସ୍ମାରକୀ ଉତ୍ସବକୁ ଆସିଛନ୍ତି ଓ ଏହି ବିଦ୍ରୋହର ସ୍ମୃତିଚାରଣ କରିଛନ୍ତି। ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି କହିଛନ୍ତି।

ଶହୀଦ କଙ୍କା ମାଝୀ ଓ କାଳିଆ ମହାନ୍ତ ଥିଲେ ଏହି ବିଦ୍ରୋହର ମୁଖ୍ୟ ସୂତ୍ରଧର। ତେଣୁ ଏହା କଙ୍କା-କାଳିଆ ବିଦ୍ରୋହ ନାମରେ ନାମିତ। ତାଙ୍କର ଅନ୍ୟତମ ମୁଖ୍ୟ ସହଯୋଗୀ ଥିଲେ ରିତୁକଲ କାମାର ଓ ନୟନ ସିଂ ମୁଣ୍ଡା। 'ହଳମିତାଂ' ସଂସ୍କୃତିର ଲୋକମାନେ ଥିଲେ ଏହି ବିଦ୍ରୋହର ସୂତ୍ରଧର। 'ହଳ'ର ଅର୍ଥ କୃଷକ ଜାତି ଓ 'ମିତାଂ'ର ଅର୍ଥ ମିତ୍ର ଜାତି। କୁଡୁମି, ସାନ୍ତାଳ, ଭୂମିଜ ପ୍ରଭୃତି ହେଉଛନ୍ତି କୃଷକ ଜାତି ଯେଉଁମାନେ କୃଷିକୁ ଜୀବିକା ରୂପେ ଗ୍ରହଣ କରନ୍ତି ଏବଂ କମାର, କୁମ୍ଭାର, ଡମ୍, ତନ୍ତୀ ପ୍ରଭୃତି ହେଉଛନ୍ତି ମିତ୍ର ଜାତି ଯେଉଁମାନେ କୃଷକମାନଙ୍କୁ ବିଭିନ୍ନ ସାମଗ୍ରୀ ଯୋଗାନ୍ତି। ଏମାନଙ୍କ ମଧ୍ୟରେ ଭାଇଚାରାର ସମ୍ପର୍କ ବହୁକାଳରୁ ରହି ଆସିଛି। ଏମାନଙ୍କ ମଧ୍ୟରେ ଛୁଆଁ ଅଛୁଆଁ ଭେଦଭାବ ନାହିଁ। ସମସ୍ତେ ସାଙ୍ଗରେ ଉଠାବସା ଓ ଖିଆପିଆ କରନ୍ତି। ସମସ୍ତେ ଏକ ପ୍ରକାର ବନ୍ଧୁତ୍ୱର ସୂତ୍ରରେ ବନ୍ଧାବନ୍ଧି ହୋଇ ରହିଥାଆନ୍ତି।

ବିଦ୍ରୋହର ସୂତ୍ରପାତ ହୋଇଥିଲା ଜାନୁଆରୀ ୧୫ ତାରିଖ, ୧୯୧୭ ମସିହାରେ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଅଞ୍ଚଳରେ। ଏହା ଥିଲା ପବିତ୍ର ଆଖ୍ୟାନ ଦିନ, ଯାହା ମକର ପର୍ବର ପର ଦିନ। ହଠାତ୍ ବହୁସଂଖ୍ୟାରେ ବିଦ୍ରୋହୀ ବିଭିନ୍ନ ପ୍ରକାର ପାରମ୍ପାରିକ ଅସ୍ତ୍ରଶସ୍ତ୍ର ଧରି ବ୍ରିଟିଶ ରାଜ ଓ ଶୋଷଣକାରୀଙ୍କ ବିରୁଦ୍ଧରେ ସ୍ଲୋଗାନ ଦେଇ ମାଡି ଆସନ୍ତି ବେତନଟୀ ହାଟ ଭିତରକୁ। ମୁନାଫାଖୋର ବ୍ୟବସାୟୀମାନେ ହାଟ ଛାଡ଼ି ପଳାଇ ଯାଆନ୍ତି। ହାଟ ପଡିଆ ସଭା ସ୍ଥଳରେ ପରିଣତ ହୁଏ। ଏହା ପରେ ବିଦ୍ରୋହୀମାନେ ହଜାର ହଜାର ସଂଖ୍ୟାରେ ମାଡି ଚାଲନ୍ତି ବ୍ରିଟିଶ କାର୍ଯ୍ୟାଳୟ ଆଡକୁ। ବିରାଟ ପଟୁଆର ଦେଖି କର୍ମଚାରୀ ଓ ଅଧିକାରୀମାନେ ଅଫିସ ଛାଡି ପଳାଇଯାନ୍ତି। ବିଦ୍ରୋହୀମାନେ ଅଫିସମାନଙ୍କରେ ଭଙ୍ଗା-ରୁଜା କରନ୍ତି ଓ ନିଆଁ ଲଗାଇ ଦିଅନ୍ତି। ହିଂସ୍ର ଜନତାଙ୍କୁ ଦେଖି ପୋଲିସମାନେ ଥାନା ଛାଡି ପଳାଇଯାଆନ୍ତି। ଅଳ୍ପ ସମୟ ମଧ୍ୟରେ ସମଗ୍ର ବେତନଟୀ ଅଞ୍ଚଳ ବିଦ୍ରୋହୀମାନଙ୍କ କବଜାକୁ ଚାଲିଆସେ। ବିପ୍ଳବୀ ପରିଷଦ ଦ୍ୱାରା ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଏ ଯେ ଏ ଅଞ୍ଚଳରେ ବ୍ରିଟିଶ୍ ଶାସନର ସମାପ୍ତ ହୋଇଛି ଏବଂ ବିଦ୍ରୋହୀ ପରିଷଦ ଶାସନ କ୍ଷମତା ହାତକୁ ନେଇଛି।

ଦେଖୁ ଦେଖୁ ବିଦ୍ରୋହ ଆଖପାଖ ଅଞ୍ଚଳକୁ ବ୍ୟାପିଯାଏ। ବିଦ୍ରୋହୀମାନେ ବ୍ରିଟିଶର ଚାଟୁକାର ସର୍ଦ୍ଦାର ଓ ଜମିଦାର ଏବଂ ଇଂରେଜ କର୍ମଚାରୀଙ୍କ ଉପରେ ଆକ୍ରମଣ କରନ୍ତି। କେତେକେ ଭୟରେ ପଳାଇ ଯାଆନ୍ତି ଓ ଆଉ କେତେକେ ଧରାପଡି ପ୍ରଜାସଭାର ସମ୍ମୁଖୀନ ହୁଅନ୍ତି। ସେମାନଙ୍କୁ ଗ୍ରାମ ଛକ ଗଛରେ ବାନ୍ଧି ବିଚାର କରାଯାଏ। କେତେକଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଏ। ଏହି ବିଦ୍ରୋହ ପୂର୍ବରେ ବୈଶିଙ୍ଗା, ଉତ୍ତରରେ ଚିତ୍ରଡା, ପଶ୍ଚିମରେ ବୁଢୀଖମାରି ଓ ଦକ୍ଷିଣରେ ବୁଢାବଳଙ୍ଗ ନଦୀ ପର୍ଯ୍ୟନ୍ତ ବ୍ୟାପୀ ଯାଏ। ସମସ୍ତ ଅଞ୍ଚଳ ବ୍ରିଟିଶ ସାମ୍ରାଜ୍ୟ ମୁକ୍ତ ହୁଏ। ବିଦ୍ରୋହୀମାନେ ଯୋଗାଯୋଗର ସମସ୍ତ ମାଧ୍ୟମକୁ ବିଚ୍ଛିନ୍ନ କରିଦିଅନ୍ତି। ସଡକ ପଥରେ ଥିବା ପୋଲ ଗୁଡିକୁ ଭାଙ୍ଗି ଦିଅନ୍ତି। ରେଲ ଧାରଣା ଗୁଡିକୁ ତାଡି ଫିଙ୍ଗି ଦିଅନ୍ତି। ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକୁ ବିଦ୍ରୋହୀ ପ୍ରହରୀମାନେ ଜଗି ରହନ୍ତି। କେଇଦିନ ପରେ ବିପ୍ଳବୀ ପରିଷଦର ବୈଠକ ବସି ଏକ ଗଣତାନ୍ତ୍ରିକ ସରକାରର ଗଠନ କରାହୁଏ। ଯେଉଁଥିରେ କଙ୍କା ମାଝୀ ରାଜା ଓ କାଳିଆ ମହାନ୍ତ ପ୍ରଧାନମନ୍ତ୍ରୀ ଭାବେ ମନୋନୀତ ହୁଅନ୍ତି। ଅନ୍ୟ ପଦାଧିକାରୀମାନେ ମଧ୍ୟ ମନୋନିତ ହୁଅନ୍ତି। ଏହା କଙ୍କା-କାଳିଆ ସରକାରଭାବେ ପରିଚିତ ହୁଏ। ଏହି ସରକାର ପତନ ହୁଏ ଏପ୍ରିଲ ୨୦ ତାରିଖ ୧୯୧୭ ମସିହାରେ। ତିନିମାସ ଧରି ସ୍ୱାଧୀନ ସରକାର ଚାଲିଥିଲା।

ମୟୂରଭଞ୍ଜ ଏକ ଗଡଜାତ ରାଜ୍ୟ ଥିଲା। ତତ୍କାଳୀନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଭୁଲବଶତ ନିଜ ସମ୍ପର୍କୀୟଙ୍କ ଗୁଳିରେ ଆହତ ହୋଇ ୨୨ ଫେବୃଆରୀ, ୧୯୧୨ ମସିହାରେ ପ୍ରାଣତ୍ୟାଗ କରନ୍ତି। ତାଙ୍କ ପୁତ୍ର ଟିକାୟତ ପୂର୍ଣ୍ଣଚନ୍ଦ୍ର ଭଞ୍ଜ ନାବାଳକ ଥିବା ଯୋଗୁଁ ଜିଲ୍ଲାର ଶାସନ ଭାର ବ୍ରିଟିଶ ସରକାର ନିଜ ହାତକୁ ନିଅନ୍ତି। ଏହି ସମୟରେ କ୍ରମାନ୍ୱୟରେ ମିଷ୍ଟର ଫିଲିପ୍, ମିଷ୍ଟର ସ୍କଟ୍ ଓ ମିଷ୍ଟର ପେକ୍ (ଆଇ.ସି.ଏସ୍.) ପଦାଧିକାରୀମାନେ ଏ ଜିଲ୍ଲାର ଶାସନ ଭାର ନେଇଥିଲେ। ଏହି ସମୟରେ ପ୍ରଜାମାନଙ୍କ ଉପରେ ଶୋଷଣ ଓ ଅତ୍ୟାଚାର ବଢ଼ିଥିଲା। ଜମିଦାର, ସର୍ଦ୍ଦାର, ପ୍ରଧାନ ଓ ଦାରୋଗାମାନଙ୍କ ସ୍ୱେଚ୍ଛାଚାର ଚରମ ସୀମାରେ ପହଞ୍ଚି ଥିଲା। ଏମାନଙ୍କ ବ୍ୟବହାର ଜାତିବାଦୀ ଥିଲା, ଭେଦଭାବପୂର୍ଣ୍ଣ ଥିଲା। ହଳମିତାଂ ସଂସ୍କୃତିର ଲୋକମାନେ ଜାତିଗତ ଭେଦଭାବ ବିଷୟରେ ଅବଗତ ନଥିଲେ। ପୂର୍ବରୁ କୃଷକମାନେ ଶସ୍ୟ ରୂପରେ ଖଜଣା ଦେଉଥିଲେ। କିନ୍ତୁ ବ୍ରିଟିଶ ଅଧିକାରୀମାନେ ଏହାକୁ ଟଙ୍କା ଆକାରରେ ଆଦାୟ କାରିବାକୁ ନିର୍ଦ୍ଦେଶ ଦେଲେ। ଯେଉଁମାନେ ଅର୍ଥ ପୈଠ କରିପାରିଲେ ନାହିଁ, ତାଙ୍କ ଜମିକୁ ବ୍ୟାଜ୍ୟାପ୍ତ କରାଗଲା। ବ୍ରିଟି

ଗଢ଼ିଥାନ୍ତି ବାଲିରଥ

ସାବିତ୍ରୀ ମଲ୍ଲିକ

ଦିନବନ୍ଧୁ ବୋଲି ନାମ ବୋଲାଇଛୁ
କେମିତିକା ବନ୍ଧୁ ତୁହି,
ତୋ ସିଂହ ଦୁଆରେ କାନ୍ଦୁଛି ଦୁଃଖରେ
ତୋତେ କିବା ଶୁଭୁ ନାହିଁ ।
ହୋଇଥାନ୍ତି ଯଦି ତୋ ବନ୍ଧୁ ସୁଦାମା
ରତ୍ନସିଂହାସନ ଛାଡ଼ି,
ମନ୍ଦିର ବାହାରୁ କୋଳାଗ୍ରତ କରି
ନେଇଥାନ୍ତୁ ମୋତେ ଭିଡ଼ି ।
ବଳରାମ ଦାସ ହୋଇଥିଲେ ମୁହିଁ
ଗଢ଼ିଥାନ୍ତି ବାଲି ରଥ,
ସମୁଦ୍ର ବାଲିରେ ଦେଖା ଦେଇଥାନ୍ତୁ
ତୁ ପରା କଳା ସାଆନ୍ତ ।
ହୋଇଥିଲେ ମୁହିଁ ଦାସିଆ ବାଉରୀ
ହାତରେ ନଡ଼ିଆ ଧରି,
ନେଇଯାଇଥାନ୍ତୁ ଆନନ୍ଦ ମନରେ
ହାତ ମୋର ଶୁନ୍ୟ କରି ।
ମୁହିଁ ତ ଗରିବ ଦୀନ ଦୁଃଖୀଟିଏ
ଦୟାକରିଥିବୁ ମୋତେ,
କିଛି ମୋର ଲୋଡ଼ା ନାହିଁରେ କାଳିଆ
ରହିଥିବୁ ମୋର ସାଥେ ॥

ଦଶରଥପୁର, ଯାଜପୁର, ଓଡ଼ିଶା

ନୂଆ ନାୟୀକାର ଗୀତ

ସିଦ୍ଧେଶ୍ୱର ତ୍ରିପାଠୀ

ତୁମେ ଆସିବାରୁ ଅବସୋସ ସବୁ
ସହଜେ ଦୁରେଇ ଗଲା
ବିରହ କବିର ଲେଖନୀକୁ ଛୁଇଁ
ମିଳନ ଶବ୍ଦ ଝରିଲା ।

ଫିକା ଫଗୁଣରେ ଭରିଲା ରଙ୍ଗ
ମଧୁର ଶ୍ରାବଣ ଶୀତ
ମନ ଝୁମି ଗଲା ଶୁଣିଲା ପରଠୁ
ନୂଆ ନାୟିକାର ଗୀତ ।

ସୁରିଲା କଣ୍ଠରୁ ସେଇ ଗୀତ ଶୁଣି
ଏମନ ପାଗଳ ହେଲା
ତୁମେ ଆସିବାରୁ ଅବସୋସ ସବୁ
ସହଜେ ଦୁରେଇ ଗଲା ।

ସପନରେ ପୁଣି ଲାଗିଗଲା ଡେଣା
ଭିଜି ଭିଜାଇବା ପାଇଁ
ଅଦିନ ତାତିରେ ବିତିଗଲା ରାତି
ତୁମରି ଓଠକୁ ଛୁଇଁ ।

ଧନ୍ୟସେ ଦଇବ ଏତେ ମଧୁରତା
ମୋ କପାଳେ ଲେଖିଥିଲା
ତୁମେ ଆସିବାରୁ ଅବସୋସ ସବୁ
ସହଜେ ଦୁରେଇ ଗଲା ।

କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ଏ ଅପେକ୍ଷାର ଅନ୍ତ ନାହିଁ

ଡ. ଦୀପକ କୁମାର ମିଶ୍ର

ସମସ୍ତେ କହିଲେ ଅପେକ୍ଷା କର
ଅପେକ୍ଷାର ଫଳ କାଳେ ଭାରି ମିଠା ।
ଗୋସେଇଁ, ଜେଜ, ବାପା ଆଉ ଏବେ ଆମେ
ସମୟକୁ ଥାଥା ମାମା କରି ଅପେକ୍ଷା କଲୁ
ଅନେଇ ଅନେଇ ଥକାଆଖି ଜଳକା ମାରିଲା
କେତେ କିଏ କୁଆଡ଼େ ମରିହଜି ଗଲେଣି
ସ୍ୱପ୍ନ କଥା ଛାଡ଼
ଖୋଲା ମେଘମୁକ୍ତ ଆକାଶ ବି
ଖାଲି ଆଖିରେ ଅବିକା ଦେଖିବା ଅସମ୍ଭବ ।

କହେଇ କକେଇ କହିଲେ
ଦରଦାମ ବଜାରରେ ଲାଗିଚି ନିଆଁ
କାହାର କହିଲ ଏଥି ପ୍ରତି ଅଛି ନିଘା !!
ତିରିଲା ଛୁଆ ଛାଡ଼ି ମଦନ ବିଦେଶ ଗଲା
ମାଲୁଣୀର ଫୁଲଗଛ ପାଣି ନପାଇ ମଲା

ସହର ମୁଖା ଗାଁରେ ଏବେ ମଣିଷ ମଡ଼କ
କାଳକୁ କାଳ ଖେପି ହେଲା ଅମୃତକାଳ
ତଥାପି ଆମ ଗାଁର ମିଶ୍ର ମାଷ୍ଟ୍ରେ କହନ୍ତି
ବ୍ରିଟିଶ୍ ଶାସନ କାଳେ ଭାରି ଭଲ ଥିଲା ।

ସ୍ୱାଧୀନତାର ଶୋଷଣ
ପରାଧୀନତାର କଷଣ ଠୁଁ ବେଶି ଟାଣ ଲାଗେ
ନିଜ ଲୋକଙ୍କର ହସକୁରା କପଟ କଥା
ବାହାରି ଲୋକଙ୍କର କୋରଡ଼ାରୁ ବେଶି ବାଧେ
ଏବେ କେମିତି ପୁଣି ସ୍ୱାଧୀନ ହେବା
ନିଜଠୁଁ, ନିଜ ଲୋକଙ୍କ ପାଖରୁ
ବୁଝିବାକୁ ମଧ୍ୟ ଭାରି କଠିନ ଲାଗେ ।

ରାତିଅଧିଆ ରାସ୍ତାକଡ଼ ଲୋକଟିକୁ ପଚାରିଲି
ସ୍ୱାଧୀନତା ମାନେ କ'ଣ ?
ତାର ଉତ୍ତର ଥିଲା -
ମୁଠାଏ ନିଦ ଦେବ କି ବାବୁ



ଗହଡ଼ା ନିଦରୁ ଉଠିଲେ
ତୁମ ପ୍ରଶ୍ନର ଉତ୍ତର ନିଶ୍ଚିତ ଦେବି ।

ଭୁବନେଶ୍ୱର
ମୋ୮୨୮୦୨୧୧୦୦୦

ପକ୍ଷୀଗୀତ

ଲକ୍ଷ୍ମୀପ୍ରିୟା ପୃଷ୍ଟି

ମାନ ଅଭିମାନ ଛାଡ଼ିଦେଇ ସାଥି
ଆ ମୋ ସାଙ୍ଗରେ ଆ'
ନୀଳ ଆକାଶରେ ଉଡିଯିବା ଆମେ
ଦେଖିବୁ ଧରଣୀ ମାଆ ।
ଅପରୂପା ଶୋଭା ସଜେଇ ରଖିଛି
ଆମରି ମାନଙ୍କ ପାଇଁ
ଅଢ଼େଇ ଦିନିଆ ଏ ପକ୍ଷୀ ଜୀବନ
ରାଗୁଛୁ ତୁ କାହିଁ ପାଇଁ ?
ସଂସାର ଭିତରେ ଘର କରିଥିଲେ
ପଥର ପଡ଼ିଲେ ସହି
ହସି ହସି ତୁ ଆ ମୋ ସାଥିରେ
ଦେଖିବୁ ଆକାଶ ନଈ ।
ବହି ଯାଉଥିବ କୁଳୁ କୁଳୁ ଛନ୍ଦେ
ଝରଣାର ସ୍ୱଚ୍ଛ ଧାର
ବାହୁଡ଼ିବା ବେଳେ ଦଣ୍ଡିଏ ଅଟକି
ପିଇବୁ ତା ମିଠା ନୀର ।
ଶାଗୁଆ ଏ ବନ ଫୁଲ, ଫଳ ଭରା

ପ୍ରକୃତିର ମହାଦାନ
ଶିଖିଯା ମାଆଠୁଁ ଏ ଉଦାର ଭାବ
ସୁଖେ କାଟୁଥିବୁ ଦିନ ।

ଦଶରଥପୁର, ଯାଜପୁର,୭୫୫୦୦୬,
ଫୋନ ୭୩୭୭୩୧୮୭୮୯

ତୁମେ ଗଲା ଦିନ

ନିରଞ୍ଜନ ସାହୁ

ତୁମେ ଗଲାଦିନ ମନେ ରହିଅଛି
ରହିଥିବ ଚିରକାଳ
ତୁମେ କିନ୍ତୁ କୁହ ମୋ କଥା କାହିଁକି
ଏବେ ବସି ତୁମେ ଭାଳ ?

ଯେଉଁ ତାରିଖରେ ଚିହ୍ନା ହୋଇଥିଲା
ସେ ତାରିଖ ମନେନାହିଁ
ଯେଉଁ ଦିନ ତୁମେ ହାତ ଛାଡିଦେଲ
ତାକୁ ବା ଭୁଲିବି କାହିଁ
ତୁମ ଭାବନାରେ ସମୟ କଟେ ମୋ
ତୁମେ କଥା ଦେଇ ଟାଳ ।

ଅତି ସହଜରେ ବାହାନା କରିକି
ତୁମେ ସିନା ଖସିଗଲ
ନିଜକୁ ପଚାର ଯାହା କରିଗଲ
ତାହା କିବା ଅଟେ ଭଲ
ଶୁଭ ମନାସୁଛି ସିନ୍ଦୁର ଝଟକୁ
ତୁମରି ପାଚିଲା ବାଳ ।

ସମୟ ବଦଳେ ତୁମେ ବଦଳୁଛ
ଏହା କିଛି ନୂଆ ନୁହେଁ
ଶୁଭଙ୍କର ହେଉ ଦାମ୍ପତ୍ୟ ଜୀବନ
ଭଲରେ ରୁହ ଗୋ ଦୁହେଁ
ମୋ ପାଇଁ ସମୟ ବଡ଼ ଦୁଃଖମୟ
ସୁଖରେ ସଂସାର ପାଳ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଡେଙ୍କାନାଳ --- ୭୫୯୦୧୬
ମୋ :--- ୯୯୩୮୭୪୧୫୮୩

ଭୟ

ମହାଶ୍ୱେତା ପାଣିଗ୍ରାହୀ

ସତରେ ଭାରି ଭୟ ଲାଗେ
ଭୟ ଲାଗେ ଏଇ କଥା,
ଜନନୀ ଗରଭେ ଯେବେ ମୁଁ ଆସିଲି
ମନେ ପାଇଲି ମୋ ବ୍ୟଥା ।
ପରୀକ୍ଷା ନିରୀକ୍ଷା କରି
ଜାଣିଯିବେ ଭଲ କରି
ଝିଅଟିଏ ମାନେ ସେଇଠି ସମାପ୍ତ
ମୋର ଏ ଜୀବନ ଗାଥା ।

ଯଦି ମୁଁ ଜନମ ନେଲି
ହସୁଥିବି ଖିଲି ଖିଲି
ତଣ୍ଟି ମୋଡ଼ି ମୋର ଅଳିଆ ଗଦାରେ
ପକାଇବେ ପୁଣି ମାରି,
କୁକୁର ଶୃଗାଳ ଭୋଜନ ପାଇଁକି
ଲଟା ମୂଳେ ଦେବେ ଛାଡ଼ି ।
ବଞ୍ଚିଲେ ଅନାଥ ବୋଲି
ବାହିବି ଜୀବନ ଗାଡ଼ି ।

ସମୟ ସ୍ରୋତରେ ଯଦି
ସେସବୁରୁ ଗଲି ବଞ୍ଚି
ବଢିବ ବୟସ ମୋର,
ଲୋଲୁପ ଆଖି ସେ ଜଗି ବସିଥିବ
ନାରୀ ମାଂସ ଲୋଭୀ ନର ।
ପ୍ରତି ପାଦେ ସେ ବିପଦ
ଫୁଟିବା ଆଗରୁ ଦଳି ଚକଟିବେ
ପ୍ରାଣ ହୁଏ ଥରହର ।

ଇଏ କି ଜୀବନ କୁହ
ବିଧାତା ଗଢିଛି ଝିଅ
ଗର୍ଭରୁ ଶତ୍ରୁ ଯେ ଜୀବନେ ତାହାର
କେମିତି ଧରିବ ଦେହ,
ଦରବୁଢ଼ୀ ଯାଏଁ ନିଜକୁ ସମ୍ଭାଳେ
ହୃଦୟେ ଭରିଛି କୋହ,
ଆତଙ୍କ ଜୀବନ ପ୍ରତି କ୍ଷଣେ ଏଠି
ସର୍ବଦା ରହିଛି ଭୟ ।
ସର୍ବଦା ରହିଛି ଭୟ ।

ସାଇ ପ୍ରିୟା ନଗର, ରାୟଗଡ଼ା ।

ଯନ୍ତ୍ରଣା

ରମାକାନ୍ତ ଦାସ

ଯନ୍ତ୍ରଣା ଲୁଚେଇ ଦିଏ ଓଠ ଧାରର ହସକୁ
ମନରେ ଜଳାଏ ଅଶାନ୍ତ ଅଗ୍ନି
ଯନ୍ତ୍ରଣା ନିଆଁକୁ ଦେଖେଇ ହୁଏନି କି
ଲିଭେଇ ହୁଏନି
ଯନ୍ତ୍ରଣା କୋହ ସବୁ ଝରିଯାଏ ଆଖିର
ଝରକା ଦେଇ ।।

କିଛି ଯନ୍ତ୍ରଣା ଶବ୍ଦର ନୀରବତା ରହିଥାଏ
ନୀରବ ଅପରାହ୍ନରେ ଦରପୋଡ଼ା
ଆଙ୍ଗାରଟେ ପରି
କୁହୁଳାଏ ମନକୁ
ଜୀବନର ଜଉଘରେ ଜଳୁଥାଏ କୁହୁଳି
କୁହୁଳି ।।

ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

ମଧୁମାଳତୀର ସ୍ମୃତି

ଆଖି ଲୁହ ଢ଼ାଳି ହେଉଛି ମୁଁ ଝୁରି
ତୋ ସ୍ମୃତି ମଧୁମାଳତୀ
ମତେ କରି ପର ହେଲୁତୁ କାହାର
ପ୍ରିୟା ମନ ମଧୁମତୀ ।
ହୃଦୟ ମୋ ଭାଙ୍ଗି ଚାଲିଗଲୁ ପ୍ରିୟା
ଥିଲୁ ମୋ ଚପଳଛନ୍ଦା
ଆଉ କା ସିନ୍ଦୂର ମଥାରେ ନାଇଲୁ
ହେଲୁ ମନ ମଧୁଛନ୍ଦା ।
ମୋ ମନ ମାନସୀ ହେଲୁ କା ପ୍ରେୟସୀ
ହାତେ ପିନ୍ଧି ଶୁଭଶଙ୍ଖା
ତତେ ଝୁରିଝୁରି କଣ୍ଟା ହୋଇଲିଣି
ମିଳୁନି ଥରଟେ ଦେଖା ।
ମୋ ଛାତିରେ ଛୁରୀ ମାରି ଚାଲିଗଲୁ
ଆଉ କା ସବାରି ଚଢି
ଲୁହଭରା ମୋର ଦୁଇ ଆଖି ହେଲା
ସ୍ପନ୍ଦନ ଗଲାଣି ବଢ଼ି ।

ପିନ୍ଧିଲୁ ବେକରେ ମଙ୍ଗଳସୂତ୍ରକୁ
ଛାତି ମୋର କୋହଭରା
ଭୁଲି ମୁଁ ପାରୁନି ମଧୁମାଳତୀ ଲୋ
ଆଖିରେ ଲୁହ ଅସରା ।
ଶ୍ରାବଣ ରାତିରେ ସପନରେ ଆସି
ମନ ନେଇଥିଲୁ କିଣି
ଫଗୁଣେ ଆସିଲୁ ବାସ ମହକାଇ
ପ୍ରୀତିର ଅବିର ବୁଣି ।
ଆଜି କାହିଁ ଲାଗେ ଚପଳମତୀଲୋ
ଜୀବନ ମୋର ଅଧୁରା
ପ୍ରେମର ବଇଁଶୀ ମନ କୁଞ୍ଜବନେ
ବାଜିଲେ ଲାଗେ ବେସୁରା ।
ପାଦ ପାଉଁଜିର ରୁଣୁଝୁଣୁ ଶବ୍ଦ
ମତେ ମତୁଆଲା କରେ
ତୋର ମିଠାପ୍ରେମ ସବୁ ମଧୁସ୍ମୃତି
ଆଖିରେ ମୋ ଲୁହ ଭରେ ।

ନଳିନୀ ଦାଶ

ଆଖିରେ ଆଖିଏ ସପନ ସାଇତି
କାଟୁଛି ନୀରବେ ରାତି
ଭୁଲିଛି ଦୁନିଆ ମଧୁମାଳତୀ ଲୋ
ତୋ ପ୍ରେମ ପ୍ରୀତିରେ ମାତି ।

ଭିକାରିପଡା, ଶରଣକୁଳ, ନୟାଗଡ଼ ।
ଦୂରଭାଷ-----୬୩୭୦୦୯୫୨୪୧

ଅଦିନ ଫଗୁଣ

ରାଜଲକ୍ଷ୍ମୀ ତ୍ରିପାଠୀ

କେଉଁଠୁ ଆସିଲା ଅଦିନ ଫଗୁଣ ଚଇତି ପବନ ବାହି
ହରିନେଲା ମନ ଜାଣିପାରିଲାନି ଶୁଭ୍ର ଜ୍ୟୋତ୍ସ୍ନା ଧଳା କଇଁ
ବାସ ବିତରିସେ ଚାହିଁ ରହିଥିଲା ନିତିବୁଲା ଭଅଁରକୁ
ହସି ହସି ପଦେ କହିଦେଲା କଥା ବାଧିଗଲା ମରମକୁ ।
'ମାୟା ଅଞ୍ଜନରେ ବୋଳା ତୋର ହୃଦ ଜାଣିନୁ ଏମିତି ହୁଏ
ବାସ ସରିଗଲେ ଭାବ ସରିଯାଏ ପ୍ରାଣଟା ଉଛନ୍ନେ ଧାଏଁ'
ଲୁଚାଇ ଲୁଚାଇ କାନ୍ଦିଲା ଏବେ ସେ ହଜାଇ ଜୀବନ -ରଙ୍ଗ
ଆଉ କି ମିଳିବ ଖୋଜିଲା ଦିନକୁ ହଜିଲେ ଜୀବନ -ସାଙ୍ଗ ।

ଦେଖୁଥିଲେ ବଣ ନିଝଁରିଣୀ ଲତା ଡାଳେ ବସିଥିଲା ଶାରୀ
କଅଁଳ କଣ୍ଠରେ ସଭିଙ୍କୁ ଶୁଣାଇ ହସୁଥିଲା କିରି କିରି
ହସ ତା'ର ଦେଖି ଧଳାକଇଁ କାନ୍ଦେ ଭୁଲ କରିଛି ସେ କେତେ
ମନର କାମନା ଦିଅଇ ଯାତନା ବେଦନା କାରଣ ସେତେ ।

କାନ୍ଦ ବନ୍ଦ କରି ସଳଖି ଚାହିଁଲା ପୁନିଅଁ ଆକାଶ ଛାଇ
ଶାରୀକୁ ଦେଖିଲା ଉଡ଼ିଯାଏ କେଣେ ଦି 'ଟୋପା ଲୁହ ଗଡ଼ାଇ ।

ଫୋନ -୮୨୪୯୪୦୮୧୭୭

ନିରବ ଆଖିର ଭାଷା

ହରିଶ୍ଚନ୍ଦ୍ର ବେହେରା

ନିରବ ଆଖିର ଭାଷା କେତେ ବାଙ୍ମୟ
ଖୋଲି ଦିଏ ସମସ୍ତ ନିବୁଜ ଦୁଆର
ସମୟର ସ୍ରୋତ କେତେ ଧାରୁଆ
ସଂସିଲ କରିଦିଏ ମନ ଭିତରର ଅମସୃଣ ପଥର
ଅନ୍ଧାରକୁ ଆଡ଼େଇ ଆଡ଼େଇ
ଆସିଛି ଦେଖିବାକୁ
ଅଥଚ ପାଉନି
କେବଳ କାଚ ଭାଙ୍ଗିବାର ଶବ୍ଦ ଶୁଭୁଛି କେଉଁଠୁ
ସ୍ୱପ୍ନ ଭିତରେ ତ ଅନେକଥର
ଛୁଇଁବା ବେଳକୁ ବରଫ ପରି ତରଳି ବୋହିଯାଇଛି
ନଈଟିଏ
କେଉଁ ଅଝଟ ଥିଲା ଯେ ଦେଇପାରିଲିନି ବୋଲି
ଏତେ ଅଭିମାନ !!
କେଇପଦ କହି ନ ପାରିଥିବା କଥାରେ
ଖୋଲିଯାଏ ଅଚିହ୍ନା ପୃଥିବୀର ଅର୍ଦ୍ଧେକ ଢ଼ାଙ୍କୁଣି
ସେ ନଥିବା ବେଳେ ଗୋଟେ ବାସ୍ନା ମହକୁଥାଏ ଘର ଯାକ
କେଉଁଠି ଅଛି ବୋଲି ଦରାଣ୍ଡୁ ଥାଏ ଦେହ ସାରା
ସେ ଇନ୍ଦ୍ରଧନୁ ରେ ଚାଲେ
କୁଡ଼ାରେ ମଣ୍ଡିପାରେ ବଣ ଜଙ୍ଗଲ ମହକ
ନିଃଶ୍ୱାସ ରେ ବଉଳିଯାଏ ଅଦିନ ବସନ୍ତ
ଅନ୍ଧାରକୁ ସଜେଇ ଦିଏ ଅସରନ୍ତି ଲୋଡ଼ିବା ପଣର
କୁଟିକମ ତାରକସିରେ
ଲୁହ କେବେ ପଡ଼ିଯାଏ ଘାସ ଉପରେ ତ
ଚୁନା ଚୁନା ମୁକ୍ତାଫୁଲ ଫୁଟେ
କଷି- ଜହ୍ନ ରେ ସେ ମୁହଁ ଦେଖେ
ଅମାବାସ୍ୟାର ଅନ୍ଧାରକୁ କହେ ଏ ମୋ କେଶ
ଯେଉଁଠି ବସି ମିଃ କାଉଲ ସୁରା ପିଏ
ଆମ୍ର- ରମଣ ରେ ମାତେ
ଛମ ଛମ ପାଉଁଜି ଶୁଭେ ସେଇଠି
ଗୋଟେ ସଜଫୁଟା ନୀଳକଇଁ ନେବାକୁ ଜିଗର କରୁଥିବା
ଅପ୍ରାପ୍ତ ବୟସୀ ଝିଅଟି

ଜଜ୍ୟାଙ୍ଗ ଜଗତ, ଭାଲେଶ୍ୱର-୧
ମୋ--୯୪୩୮୧୩୭୦୮

ଦ୍ୱିତୀୟ ଟେଷ୍ଟ ପାଇଁ ଇଂଲଣ୍ଡର ଚୂଡ଼ାନ୍ତ ଦଳ ଘୋଷଣା

ବିଶାଖାପାଟଣା

ଭାରତ-ଇଂଲଣ୍ଡ ମଧ୍ୟରେ ଶୁକ୍ରବାର ଖେଳାଯିବ ଦ୍ୱିତୀୟ ଟେଷ୍ଟ । ଏହା ପୂର୍ବରୁ ଭ୍ରମଣକାରୀ ଦଳ ପ୍ଲେଇଙ୍ଗ-୧୧ ଘୋଷଣା କରିଛି । ତେବେ ଚୂଡ଼ାନ୍ତ ଏକାଦଶରେ ଦୁଇଟି ପରିବର୍ତ୍ତନ କରିଛି । ଦଳ ଅନୁଭବୀ ଜେମ୍ସ ଆଣ୍ଡରସନ ଦଳକୁ ଫେରିଛନ୍ତି । ଆହତ ଥିବା ଜ୍ୟାକ୍ ଲିଚ୍ ଓ ମାର୍କ ଉଡ୍‌ଙ୍କୁ ଦଳରୁ ବାହାର କରାଯାଇଛି । ଉଡ୍‌ଙ୍କ ସ୍ଥାନରେ ସୋଏବ ବସିରଙ୍କୁ ଦଳରେ ସାମିଲ କରାଯାଇଛି ।

ଭାରତ-ଇଂଲଣ୍ଡ ମଧ୍ୟରେ ୫ ଟିକିଆ ଟେଷ୍ଟ ସିରିଜ୍ ଖେଳାଯାଉଛି । ପ୍ରଥମ ମ୍ୟାଚ୍‌ରେ ଘରୋଇ ଦଳ ପରାସ୍ତ ହୋଇଛି । ସେପଟେ ପ୍ରଥମ ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇଥିବା ବେଳେ ଖେଳାଳିଙ୍କ ମନବଳ ଦୃଢ ରହିଛି । ଅନ୍ୟପଟେ ଦ୍ୱିତୀୟ ମ୍ୟାଚ୍‌ରେ ସରିଜ୍ ବାରବର ଲକ୍ଷ୍ୟରେ ରହିଛି ରୋହିତ ବାହିନୀ । ଶୁକ୍ରବାର ବିଶାଖାପାଟନାମରେ ଖେଳାଯିବ ମ୍ୟାଚ୍ । ଏହା ପୂର୍ବରୁ ଭ୍ରମଣକାରୀ ଦଳ ଦ୍ୱିତୀୟ ଟେଷ୍ଟ ପାଇଁ ଚୂଡ଼ାନ୍ତ ଦଳ ଘୋଷଣା କରିଛି । ଇଂଲଣ୍ଡ ଶୁକ୍ରବାର ୪ଜଣ ସ୍ପିନରଙ୍କ ସହିତ ପଡ଼ିଆକୁ ଓହ୍ଲାଇବ ବୋଲି କୁହାଯାଉଛି ।

ଜେମ୍ସ ଆଣ୍ଡରସନ ଶୁକ୍ରବାରର ମ୍ୟାଚ୍ ଏକ ବଡ଼ ସୁଯୋଗ । ଏହି ମ୍ୟାଚ୍‌ରେ ସେ ୭୦୦ଟେଷ୍ଟ ୱାକେଟ ପୂରଣ କରି ପାରିବେ । ଜ୍ୟାକ୍ ଲିଚ୍ ଆହତ ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି । ଅଭ୍ୟାସ ସମୟରେ ତାଙ୍କୁ ଦେବାକୁ ମିଳିନଥିଲା । ଟିମ୍‌ର ସବୁଠାରୁ ଅନୁଭବୀ ସ୍ପିନର ଦଳରୁ ବାଦ୍ ଇଂଲଣ୍ଡ ପାଇଁ ସମସ୍ୟା ବଢ଼ାଇଛି ।

ଟିମ୍ ଇଣ୍ଡିଆ ମଧ୍ୟ ଦଳରେ ୨ଟି ପରିବର୍ତ୍ତନ କରିଛନ୍ତି । ଆହତ ଯୋଗୁ ଦ୍ୱିତୀୟ ଟେଷ୍ଟରୁ ବାଦ୍ ପଡ଼ିଛନ୍ତି କେଏଲ ରାହୁଲ ଓ ରବୀନ୍ଦ୍ର ଜାଡ଼େଜା । ଏମାନଙ୍କ ସ୍ଥାନରେ ସରଫରଜ ଖାନ ଓ ରଜତ ପାଟିଦାରଙ୍କୁ ସୁଯୋଗ ମିଳିପାରେ । ସେହିପରି ରବୀନ୍ଦ୍ର ଜାଡେଜାଙ୍କ ସ୍ଥାନରେ କୁଳଦୀପ ଯାଦବଙ୍କୁ ଦଳରେ ସାମିଲ କରିପାରେ ଟିମ୍ ମ୍ୟାନେଜମେଣ୍ଟ ।

ବଜେଟ୍ ୨୦୨୪: କ୍ରୀଡ଼ା ମନ୍ତ୍ରଣାଳୟକୁ ମିଳିଲା ଅଧିକ ୪୫ କୋଟି

ନୂଆଦିଲ୍ଲୀ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୁରୁବାର କାମଚଳା ବଜେଟ ଉପସ୍ଥାପନ କରିଛନ୍ତି । ଏଥିରେ ଖେଳମନ୍ତ୍ରଣାଳୟକୁ ୩,୪୪୨.୩୨ କୋଟି ଟଙ୍କା ଆବଣ୍ଟିତ କରାଯାଇଛି । ଗତ ବର୍ଷ ତୁଳନାରେ ଏଥର ୪୫.୩୬ କୋଟି ଟଙ୍କା ଅଧିକ ଆବଣ୍ଟିତ ହୋଇଛି । ଗତବର୍ଷ ଅନ୍ତରୀଣ ବଜେଟ୍‌ରେ ଖେଳମନ୍ତ୍ରଣାଳୟକୁ ୩.୩୯୬.୯୬ କୋଟି ଟଙ୍କା ଆବଣ୍ଟିତ କରାଯାଇଥିଲା ।

ସୂଚନା ଥାଉକି ଜୁଲାଇ ୨୬ରୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ପ୍ୟାରିସ୍‌ରେ ଅଲମ୍ପିକ ଗେମ୍ସ ଆୟୋଜନ ହେବ । ଆର୍ଥିକ ବର୍ଷ ୨୦୨୪-୨୫ରେ ଦେଶର ଗୁରୁତ୍ୱ ଏହି ଖେଳ ଉପରେ ରହିଛି । ଖେଳ ମନ୍ତ୍ରଣାଳୟର ପ୍ରମୁଖ ଯୋଜନା ଖେଳ ଇଣ୍ଡିଆ ପାଇଁ ୯୦୦ କୋଟି ଆବଣ୍ଟିତ କରାଯାଇଛି, ଯାହା ଗତବର୍ଷ ତୁଳନାରେ ୨୦ କୋଟି ଅଧିକ ।

ଆଥ୍‌ଲେଟ୍‌ମାନଙ୍କ ପାଇଁ ଜାତୀୟ କ୍ୟାମ୍ପ ଆୟୋଜନ କରିବା, ଭିତ୍ତିଭୂମି ଓ ଉପକରଣ ଯୋଗାଇବା ଓ କୋଚ୍ ଆଦି ନିଯୁକ୍ତ କରୁଥିବା ସ୍ପୋର୍ଟ୍ସ ଅଥୋରିଟି ଅଫ ଇଣ୍ଡିଆ (ଏସ୍ଏଆଇ) କୁ ଗତବର୍ଷ(୭୯୫.୭୭ କୋଟି) ତୁଳନାରେ ୨୬.୮୩ କୋଟି ଟଙ୍କା ଅଧିକ ଆବଣ୍ଟିତ କରାଯାଇଛି । ସେହିପରି ନ୍ୟାସନାଲ ସ୍ପୋର୍ଟ୍ସ ଫେଡେରେସନ(ଏନ୍ଏସ୍ଏଫ୍)କୁ ୨୦୨୩-୨୪ ବଜେଟ୍ ୩୨୫ କୋଟି ତୁଳନାରେ ଅଧିକ ୧୫ କୋଟି ଦିଆଯାଇଛି ।

ସେହିପରି ନ୍ୟାସ୍‌ନାଲ ଆଣ୍ଟି ଡୋପିଂ ଏଜେନ୍ସି(ନାଡା)କୁ ମଧ୍ୟ ଗତବର୍ଷର ୨୧.୭୩ କୋଟି ତୁଳନାରେ ୨୨.୩୦ କୋଟି ଅଧିକ ଦିଆଯାଇଛି । ଡୋପ୍ ସାମ୍ପଲ ଟେଷ୍ଟ କରୁଥିବା ନ୍ୟାସ୍‌ନାଲ ଡୋପ ଟେଷ୍ଟିଂ ଲାବରୋଟେରି (ଏନ୍‌ଡିଟିଏଲ୍)କୁ ଗତବର୍ଷ ତୁଳନାରେ ୨.୫ କୋଟି ଅଧିକ କରି ୨୨ କୋଟି ଦିଆଯାଇଛି ।

ଜାତୀୟ କ୍ରୀଡ଼ା ବିଜ୍ଞାନ ଏବଂ ଅନୁସନ୍ଧାନକୁ କ୍ଷେତ୍ରରେ କେନ୍ଦ୍ର ବଜେଟ ହ୍ରାସ କରାଯାଇ ୮ କୋଟି ଦିଆଯାଇଛି । ପୂର୍ବରୁ ୧୦ କୋଟିରୁ ଦିଆଯାଇଥିଲା । ତେବେ ଜାତୀୟ କ୍ରୀଡ଼ା ବିଶ୍ୱବିଦ୍ୟାଳୟକୁ ୨୦୨୩-୨୪ ବଜେଟ ୮୩.୨୧ କୋଟିରୁ ୯୧.୯୦ କୋଟି ଟଙ୍କା ବୃଦ୍ଧି କରାଯାଇଛି । କ୍ରୀଡ଼ାବିତ୍‌ମାନଙ୍କୁ ପ୍ରୋତ୍ସାହନ ପାଇଁ ଦିଆଯାଉଥିବା ବଜେଟରେ ବଡ଼ ହ୍ରାସ କରି ୮୪ କୋଟିରୁ ୩୯ କୋଟି ଟଙ୍କାକୁ ହ୍ରାସ କରାଯାଇଛି ।

ସେହିପରି ଜାତୀୟ କ୍ରୀଡ଼ା ବିକାଶ ପାଣ୍ଠିକୁ ବଜେଟ ହ୍ରାସ କରି ୪୬ କୋଟିରୁ ୧୮ କୋଟି, ପଣ୍ଡିତ ଦିନ ଦିୟାଲ ଉପାଧ୍ୟାୟ ଜାତୀୟ ଖେଳାଳି କଲ୍ୟାଣ ଯୋଜନା ପାଇଁ ୨ କୋଟି ଟଙ୍କା ଦିଆଯାଇଛି । ଜମ୍ମୁ କଶ୍ମୀରରେ କ୍ରୀଡ଼ା ସୁବିଧାର ବିସ୍ତାର କରିବା ଦିଗରେ ମଧ୍ୟ ବଜେଟ୍‌ରେ ହ୍ରାସ କରାଯାଇଛି । ଗତବର୍ଷ ଏଥିପାଇଁ ୨୦ କୋଟି ବଜେଟ ହୋଇଥିଲା । ଏଥର ଏହାକୁ ୮ କୋଟିକୁ ହ୍ରାସ କରାଯାଇଛି । ସେହିପରି କମନଲ୍ଥ ଗେମ୍ ପାଇଁ ଗତ ବଜେଟ୍‌ରେ ୧୫ କୋଟି ବଜେଟ ଆବଣ୍ଟିତ କରାଯାଇଥିଲା । ହେଲେ ଏଥର ଏହାକୁ ହ୍ରାସ କରାଯାଇ ମାତ୍ର ୦.୦୧ କୋଟି କରାଯାଇଛି ।

ବିସିସିଆଇ ପୂର୍ବତନ ଅଧ୍ୟକ୍ଷ ଏନ୍. ଶ୍ରୀନିବାସନଙ୍କ କମ୍ପାନୀରେ ଇଡି ରେଡ୍

ନୂଆଦିଲ୍ଲୀ

ବିସିସିଆଇ ପୂର୍ବତନ ଅଧ୍ୟକ୍ଷ ତଥା ଆଇସିସି ଚେୟାରମ୍ୟାନ ଏନ ଶ୍ରୀନିବାସନଙ୍କ କମ୍ପାନୀ ଇଣ୍ଡିଆ ସିମେଣ୍ଟ କାର୍ଯ୍ୟାଳୟରେ ରେଡ୍ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । କମ୍ପାନୀର ଦିଲ୍ଲୀ ଓ ଚେନ୍ନାଇ ସ୍ଥିତ କାର୍ଯ୍ୟାଳୟରେ ଛାନ୍‌ଭିନ୍ କରିଛି । ଫରେନ ଏକ୍ସଚେଞ୍ଜ୍ ମ୍ୟାନେଜ୍‌ମେଣ୍ଟ ଆକ୍ଟ (ଏଫ୍‌ଇଏମ୍‌ଏ)ର ଉଲ୍ଲଂଘନ ଆଧାରରେ ଏହି ରେଡ୍ କରାଯାଇଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି ।

ଚେନ୍ନାଇର ଥିବା ଦୁଇଟି ଅଫିସ୍ ଓ ଦିଲ୍ଲୀର ଗୋଟିଏ ଅଫିସ୍‌ରେ ଇଡି ରେଡ୍ କରିଛି । ଅନ୍ୟପଟେ କମ୍ପାନୀ କହିଛି ତଦନ୍ତରେ ଇଡିକୁ ସମସ୍ତ ପ୍ରକାର ସହଯୋଗ କରାଯିବ । ସୂଚନା ଥାଉକି ଇଣ୍ଡିଆ ସିମେଣ୍ଟ ଦେଶର ବଡ଼ ବଡ଼ ସିମେଣ୍ଟ କମ୍ପାନୀ ମଧ୍ୟରୁ ଗୋଟିଏ ରେଭିନ୍ୟୁ ହିସାବରେ ଏହା ଦେଶର ନବମ ବୃହତ୍ ଲିଷ୍ଟେଡ ସିମେଣ୍ଟ କମ୍ପାନୀ ହୋଇଥିବା ବେଳେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ଏହି କମ୍ପାନୀର ୭ଟି ପ୍ଲାଣ୍ଟ ରହିଛି ।

ସିମେଣ୍ଟ କମ୍ପାନୀ ସହ ଏନ୍. ଶ୍ରୀନିବାସନଙ୍କର ଆଇପିଏଲ୍ ଟିମ୍ ଚେନ୍ନାଇ ସୁପର କିଂଙ୍ଗସରେ ୨୮.୧୪ ପ୍ରତିଶତ ସେୟାର ରହିଛି । ଶ୍ରୀନିବାସନଙ୍କର ଝିଅ ରୂପା ଗତବର୍ଷ ସିଏସ୍‌କେ ମାଲିକ ଭାବରେ ବ୍ୟବସାୟରେ ରିଟର୍ଣ୍ଣ କରିଥିଲେ । ସେ ୨୦୦୮ରେ ଟିମ୍‌କୁ ୯୧ ମିଲିଅନ ଡଲାରରେ କିଣିଥିଲେ । ୨୦୧୩ରେ ଏନ୍ ଶ୍ରୀନିବାସନଙ୍କ ଟିମ୍ ସିଏସ୍‌କେ ସ୍ପଟ ଫିକ୍ସିଂ ମାମଲାରେ ଫସିଥିଲା । ଏହାପରେ ଟିମ୍ ଉପରେ ଦୁଇ ବର୍ଷର ବ୍ୟାନ ଲାଗିଥିଲା ।

ଶ୍ରୀନିବାସନଙ୍କର କ୍ରିକେଟ ଜଗତ ସହ ସମ୍ପର୍କ ୨୦୦୧ ଠାରୁ ରହିଛି । ସେ ୨୦୦୧ରୁ ୨୦୧୮ ପର୍ଯ୍ୟନ୍ତ ତାମିଲନାଡୁ କ୍ରିକେଟ ଆସୋସିଏସନରେ ଅଧ୍ୟକ୍ଷ ଥିଲେ । ୨୦୦୫ରୁ ୨୦୦୮ ପର୍ଯ୍ୟନ୍ତ ସେ ବିସିସିଆଇ କୋଷାଧ୍ୟକ୍ଷ ଥିଲେ । ପୁଣି ୨୦୦୮ରୁ ୨୦୧୧ ପର୍ଯ୍ୟନ୍ତ ସେକ୍ରେଟାରୀ ଓ ୨୦୧୧ରୁ ୧୨ରେ ସେ ବିସିସିଆଇ ଅଧ୍ୟକ୍ଷ ହୋଇଥିଲେ ।

ଆଜି ଭାରତ-ଇଂଲଣ୍ଡ ୨ୟ ଟେଷ୍ଟ : ଯୁବ ଖେଳାଳିଙ୍କୁ ମିଳିପାରେ ସୁଯୋଗ

ବିଶାଖାପାଟଣା

ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍ ହାଇଦ୍ରାବାଦ୍‌ରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଛି ଟିମ୍ ଇଣ୍ଡିଆ । ଏବେ ଶୁକ୍ରବାର ଦିନ ଖେଳାଯିବ ୨ୟ ଟେଷ୍ଟ ମ୍ୟାଚ୍ । ଉଭୟ ଦଳ ବିଶାଖାପାଟଣା କ୍ରିକେଟ୍ ଗ୍ରାଉଣ୍ଡରେ ଜୋରଦାର ଅଭ୍ୟାସ ଜାରି ରଖିଛନ୍ତି । ସିରିଜ୍‌ରେ ଇଂଲଣ୍ଡ ୦-୧ରେ ଆଗୁଆ ରହିଛି ।

ଭାରତ ନିଜ ଘରୋଇ ଗ୍ରାଉଣ୍ଡ୍‌ରେ ଖେଳୁଥିଲେ ହେଁ ପ୍ରଥମ ଟେଷ୍ଟ ହାରି ସାରିଛି । ବର୍ତ୍ତମାନ ସିରିଜକୁ ଫେରିବାର ସମୟ । ବିରାଟ କୋହଲିଙ୍କ ଭଳି ମହାନ ବ୍ୟାଟର ଦଳରେ ନାହାନ୍ତି । ଅଭିଜ୍ଞ ରବିନ୍ଦ୍ର ଜାଡ଼େଜା ଓ କେ.ଏଲ୍. ରାହୁଲ ପ୍ରଥମ ଟେଷ୍ଟରେ ପରାଜିତ ହୋଇ ବାଦ୍ ପଡ଼ିସାରିଛନ୍ତି । ସିରିଜ୍‌କୁ ଫେରିବା ଏକ ବଡ଼ ଚ୍ୟାଲେଞ୍ଜ ରୂପେ ଉଭା ହୋଇଥିବାବେଳେ ଏପଟେ ଆହତ ସମସ୍ୟା ଦଳକୁ ଚିନ୍ତାରେ ପକାଇ ଦେଇଛି । ଏକାଧିକ ଅନଭିଜ୍ଞ ଯୁବ ଖେଳାଳିଙ୍କୁ ଧରି ରୋହିତ ଶର୍ମା ବିଜୟକୁ ଫେରିବା ସହ ସମାଲୋଚକଙ୍କୁ ଚୁପ୍ କରିବାକୁ ପ୍ରସ୍ତୁତ ହେଉଛନ୍ତି । ପ୍ରଥମ ଟେଷ୍ଟରେ ନିରାଶ କରିଥିବା ଶୁଭମନ ଗିଲ୍ ଓ ଶ୍ରେୟାସ ଆୟରଙ୍କୁ ସମାଲୋଚନା କରାଯାଉଛି । ଉଭୟଙ୍କୁ ଏକାଦଶରୁ ବାଦ୍ ଦେବାକୁ କ୍ରିକେଟ୍ ପଣ୍ଡିତମାନେ ମତ ଦେଉଛନ୍ତି । ମାତ୍ର ଟିମ୍ ମ୍ୟାନେଜମେଣ୍ଟ ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବାକୁ ଚାହୁଁନାହିଁ । ଦ୍ୱିତୀୟ ଟେଷ୍ଟରେ ଉଭୟଙ୍କ ସ୍ଥାନ ସୁରକ୍ଷିତ ଥିବା ବ୍ୟାଟିଂ କୋଚ୍ ବିକ୍ରମ ରାଠୋର ସ୍ପଷ୍ଟ କରିଦେଇଛନ୍ତି । କେବଳ ଖାଲି ପଡ଼ିଥିବା ଜାଡେଜା ଓ ରାହୁଲଙ୍କ ସ୍ଥାନ ପାଇଁ ଖେଳାଳି ଚୟନ କରାଯିବ ।

ରାହୁଲ ଓ ଜାଡ଼େଜା ଆହତ ହେବା ପରେ ସର୍ଫରାଜ ଖାନ୍, ସୌରଭ କୁମାର ଓ ୱାସିଂଟନ ସୁନ୍ଦରଙ୍କୁ ଦଳରେ ସାମିଲ କରାଯାଇଛି । ବର୍ତ୍ତମାନ କେବଳ ରାହୁଲଙ୍କ ସ୍ଥାନରେ ଜଣେ ବ୍ୟାଟରଙ୍କୁ ଏକାଦଶରେ ସ୍ଥାନ ମିଳିବ । ଫଳରେ ପାଟିଦାର ଓ ସର୍ଫରାଜଙ୍କ ମଧ୍ୟରୁ ଜଣେ ଟେଷ୍ଟ ପଦାର୍ପଣ କରିବା ନିଶ୍ଚିତ । ଅଭ୍ୟାସ ଶିବିରରେ ଉଭୟ ନବାଗତ ଦୀର୍ଘ ସମୟ ଧରି ବ୍ୟାଟିଂ ଅଭ୍ୟାସ କରିଥିଲେ । ପାଟିଦାର ସ୍ପିନରଙ୍କ ବିପକ୍ଷରେ ରିଭର୍ସ ସୁଇପ୍ ସଟ୍ ଖେଳିଯାଇଥିଲେ । ମାତ୍ର ସର୍ଫରାଜ ବିସ୍ଫୋରକ ବ୍ୟାଟିଂ ଉପରେ ଧ୍ୟାନ ଦେଇଥିଲେ । ବ୍ୟାଟିଂ କୋଚ୍ ରାଠୋର ଓ ଅଧିନାୟକ ରୋହିତ ଉଭୟଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲେ । ରୋହିତ ଅଭ୍ୟାସ ସମୟରେ ସର୍ଫରାଜଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା ।

ସେହିପରି ଜାଡ଼େଜାଙ୍କ ସ୍ଥାନ ପାଇଁ ସୁନ୍ଦର ଓ କୁଳଦୀପ ଯାଦବଙ୍କ ମଧ୍ୟରୁ ଜଣେ ସୁଯୋଗ ପାଇବେ । ସୁନ୍ଦରଙ୍କ ନିକଟରେ ଯଥେଷ୍ଟ ବ୍ୟାଟିଂ ଦକ୍ଷତା ରହିଛି । ମାତ୍ର ସୀମିତ ଓଭର କ୍ରିକେଟ୍‌ରେ ବେଶ୍ ସଫଳତା ପରେ କୁଳଦୀପ ଟେଷ୍ଟ ସୁଯୋଗକୁ ଅପେକ୍ଷା କରି ରହିଛନ୍ତି । ଅଭ୍ୟାସ ଶିବିରରେ ମଧ୍ୟ କୁଳଦୀପଙ୍କୁ ଦୀର୍ଘ ସମୟ ଧରି ବୋଲିଂ କରାଯାଇଥିଲା । ପ୍ରଥମ ଟେଷ୍ଟ ଜିତିବା ପରେ ଇଂଲଣ୍ଡର ମନୋବଳ ଦୃଢ଼ୀଭୂତ ହୋଇଛି । ଚେନ୍ନାଇ ଭଳି ଏଠାରେ ସ୍ପିନରଙ୍କୁ ସୁହାଇବା ଭଳି ପିଚ୍ କଲେ ୪ଜଣ ସ୍ପିନରଙ୍କୁ ନେଇ ଦଳ ଗ୍ରାଉଣ୍ଡ୍‌କୁ ଓହ୍ଲାଇବ ବୋଲି କୋଚ୍ ବ୍ରେଣ୍ଡନ ମ୍ୟାକ୍‌କଲମ ସ୍ପଷ୍ଟ କରିଦେଇଛନ୍ତି । ମାତ୍ର ବାମ ହାତି ସ୍ପିନର ଜ୍ୟାକ ଲିଚ୍ ସମ୍ପୂର୍ଣ୍ଣ ଫିଟ୍ ହୋଇ ନଥିବା ଆଶଙ୍କା କରାଯାଉଛି । ପ୍ରଥମ ଟେଷ୍ଟରେ ସେ ଆହତ ହୋଇଥିଲେ । ଯୁବ ସ୍ପିନର ସୋହେବ ବସିର ଇତି ମଧ୍ୟରେ ଦଳ ସହ ଯୋଗ ଦେଇ ଅଭ୍ୟାସ କରିଛନ୍ତି ।



ଆସନ୍ତା ୩ ତାରିଖ ଠାରୁ ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ହେବାକୁ ଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ନିମନ୍ତେ ଚାଲିଥିବା ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା କରୁଛନ୍ତି 'ୟ-ଟି ଓ ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ । (ଫଟୋ : ସମ୍ବାଦ କଳିକା)

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍ : (୦୭୭୪) ୨୩୯୩୫୭୪
ଇପିବିଏକ୍ସ : (୦୭୭୪) ୨୩୯୧୫୫୪୨, ୨୩୯୦୧୪୧
ଫାକ୍ସ: (୦୭୭୪) ୨୩୯୩୯୫୭, ୱେବ୍ ସାଇଟ୍ : www.oshb.gov.in
CAD-3952

ବିଜ୍ଞାପନ

ପତ୍ର ସଂଖ୍ୟା ୨୩ ତା. : ୩୦.୦୧.୨୦୨୪

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ରୁଚିକା ବଜାର, ବରମୁଣ୍ଡା ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଦୋକାନ ଗୃହ ନଂ-ଏ.-୩୫ (A-35), ଟିକୁ ଶ୍ରୀମତୀ ରୋଜାଲିନ୍ ମହାନ୍ତି, ସ୍ୱାମୀ-ଜ୍ୟୋତି ରଞ୍ଜନ ମହାନ୍ତି, ସା/ପୋ-କୁଞ୍ଜର, ଥାନା-ଚେଲାଙ୍କ, ଜିଲ୍ଲା-ପୁରୀ, ଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ରୋଜାଲିନ୍ ମହାନ୍ତି ଉକ୍ତ ଗୃହ ଟିକୁ ତୃତୀୟପକ୍ଷ ଅନ୍ତର୍ଗତ ଆଧାରରେ ଶ୍ରୀମତୀ ଫେମିନା ସାହୁ, ସ୍ୱାମୀ-ଶରତ ଚନ୍ଦ୍ର ସାହୁ, ସା/ପୋ-ବେଣିରାମପୁର, ଥାନା-ଜେମାଳ, ଜିଲ୍ଲା-କଟକ ଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0649/2324

ଗଜପତି ଜିଲ୍ଲାରେ ଜିରାଙ୍ଗ ପରିଦର୍ଶନ କଲେ ୫-ଟି ଅଧ୍ୟକ୍ଷ

ଗଜପତି, ନ୍ୟୁଜ୍‌ବ୍ୟୁରୋ

ଗଜପତି ଜିଲ୍ଲାରେ ଜିରାଙ୍ଗ ପରିଦର୍ଶନ କଲେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ଜିରାଙ୍ଗ ସ୍ଥିତ ବୌଦ୍ଧ ବିହାର ପରିଦର୍ଶନ କରି ଭଗବାନ ବୁଦ୍ଧଙ୍କ ଆଶିଷ ଗ୍ରହଣ କରିଛନ୍ତି ୫-ଟି ଅଧ୍ୟକ୍ଷ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଜିରାଙ୍ଗର ଏହି ବୌଦ୍ଧ ବିହାରରେ ମାନବ ସମାଜର ମଙ୍ଗଳକାମନା କରି ଚାଲିଥିଲା ଅଭିଷେକ ଆରାଧନା । ଏହି ଅବସରରେ ସାମିଲ ହୋଇଥିଲେ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ । ଜିରାଙ୍ଗରେ ଭଗବାନ ବୁଦ୍ଧଙ୍କ ମନ୍ଦିର ଦର୍ଶନ କରିବା ସହ ବୌଦ୍ଧ ମନ୍ଦିରରେ ଚାଲିଥିବା ସ୍ୱତନ୍ତ୍ର ଆରାଧନାରେ ସାମିଲ ହୋଇଥିଲେ । ଭଗବାନ ବୁଦ୍ଧଙ୍କ ପ୍ରତିମା ସମ୍ମୁଖରେ ଧ୍ୟାନ କରିବା ସହ ପୂଜକଙ୍କ ଆଶୀର୍ବାଦ ନେଇଥିଲେ । ଦୀର୍ଘ ୮ ଦିନ ଧରି ଚାଲିଥିବା ଅଭିଷେକ ଉତ୍ସବର ଗୁରୁବାର ଥିଲା ଶେଷ ଦିନ । ଏହି ଅବସରରେ ଯୋଗ ଦେଇଥିଲେ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ । ଅଭିଷେକ ପୂଜାର୍ଚ୍ଚନାରେ ଦେଶ ବିଦେଶରୁ ୨ ହଜାରରୁ ଅଧିକ ଉପାସକ ସାମିଲ ହୋଇଥିଲେ । ଏଠାରେ ରହୁଥିବା ତୀବତୀୟଙ୍କ ଲାଗି ରାସନ କାର୍ଡ, ଭୋଟର କାର୍ଡ ସହ ଭତ୍ତା ପ୍ରଦାନ ସୁବିଧା କରିଛନ୍ତି ସରକାର । ଏଥିଲାଗି ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି ବୌଦ୍ଧ ବିହାର କର୍ତ୍ତୃପକ୍ଷ ।

ଗିରଫ ହେମନ୍ତଙ୍କ ରମାଣ୍ଡ ମାଗିଲା ଇଡି : ସରକାର ଗଠନ ପାଇଁ ଜେଏମ୍‌ଏମ୍ ବିଧାୟକଙ୍କୁ ଡାକିଲେ ରାଜ୍ୟପାଳ

ରାଞ୍ଚି ନୂଆଦିଲ୍ଲୀ

ଝାଡ଼ଖଣ୍ଡରେ ନୂତନ ସରକାର ଗଠନ ପାଇଁ ଗୁରୁବାର ଅପରାହ୍ନ ସାଢ଼େ ୫ଟାରେ ଝାଡ଼ଖଣ୍ଡ ରାଜ୍ୟପାଳଙ୍କୁ ଭେଟିବେ ଜେଏମ୍‌ଏମ୍ ବିଧାୟକ । ଝାଡ଼ଖଣ୍ଡରେ ରାଜନୈତିକ ସଙ୍କଟ ମଧ୍ୟରେ ଝାଡ଼ଖଣ୍ଡ ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ ଗୁରୁବାର ଅପରାହ୍ନ ସାଢ଼େ ୫ଟାରେ ରାଞ୍ଚିସ୍ଥିତ ରାଜଭବନରେ ଜେଏମ୍‌ଏମ୍‌ର ୫ଜଣ ବିଧାୟକଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ହେମନ୍ତ ସୋରେନ ଗିରଫ ପରେ ୪୭ ଜଣ ବିଧାୟକଙ୍କ ସମର୍ଥନ ଦାବି କରି ରାଜ୍ୟରେ ନୂତନ ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି ଚ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୨ ଜାନୁଆରୀ ୨୦୨୪ ଶୁକ୍ରବାର

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

୪ରୁ କିଟ୍‌ରେ ଓଡ଼ିଆ କବି ସମ୍ମିଳନୀ

ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ

ଫେବୃଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି ଏଥି ପାଇଁ ସାରା ରାଜ୍ୟ ଉତ୍ସବ ମୁଖରିତ ବିଶ୍ୱର କୋଣ ଅନୁକୋଣରେ ଥିବା ସମସ୍ତ ଓଡ଼ିଆଙ୍କ ମଧ୍ୟରେ ଏହା ଅଭୂତପୂର୍ବ ଉତ୍ସାହ ସୃଷ୍ଟି କରିଛି ଏହି ସମ୍ମିଳନୀ ଓଡ଼ିଆ ଅସ୍ମିତାର ପରିଚୟ ହେବ ଶାସ୍ତ୍ରୀୟ ଭାଷା ଓଡ଼ିଆ କିଭଳି ଅଧିକ ଲୋକପ୍ରିୟ ହୋଇପାରିବ ତାହା ଏହି ସମ୍ମିଳନୀରେ ବିଷଦ ଭାବେ ଆଲୋଚନା ହେବ ।

ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ କିଟ୍‌ର ମିଳିତ ଆନୁକୂଲ୍ୟରେ କିଟ ବିଶ୍ୱବିଦ୍ୟାଳୟରେ ୪ ଓ ୫ ତାରିଖ

ଦୁଇଦିନ ଧରି କବି ସମ୍ମିଳନୀ ଅନୁଷ୍ଠିତ ହେବ ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୪ଶହ କବି ଯୋଗଦେବେ କବି ସମ୍ମିଳନୀର ପ୍ରଥମ ଦିନରେ ସାଂପ୍ରତିକ ସମୟରେ ଓଡ଼ିଆ କବିତାର ସ୍ଥିତି, ଗତି, ପ୍ରକୃତ ତଥା ପ୍ରଭାବ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ ପରେ ପଲ୍ଲୀ କବିତା, ଆଧୁନିକ କବିତା, ପ୍ରାଚୀନ କବିତା, ଗୀତି କବିତା ଓ ଦେଶାତ୍ମବୋଧକ କବିତା ଆଦି ଶୀର୍ଷକ ଉପରେ କବିମାନେ ସେମାନଙ୍କ ସ୍ୱରଚିତ କବିତା ଆବୃତି କରିବେ ଏଥି ସହ ଚିତ୍ରକଳା, ବାଲୁକା କଳା, ନୃତ୍ୟ ଓ ସଂଗୀତ ମଧ୍ୟରେ କବିତାର ଆତ୍ମିକ ପରିବେଶ ସୃଷ୍ଟି କରାଯିବ ଦ୍ୱିତୀୟ ଦିନରେ ଅନୁବାଦ ଅଧିବେଶନରେ ଭାଷା, ସଂସ୍କୃତି, ଭାବଗତ ବିକାଶ ନିମନ୍ତେ କବିତାର ଅନୁବାଦଗତ ପ୍ରାସଂଗିକତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବ ଏହା ସହ ଆମନ୍ତିତ କବିମାନଙ୍କ କବିତା ସଂକଳନର ଲୋକାର୍ପଣ କରାଯିବ ଏହା ବ୍ୟତୀତ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ବକ୍ତୃତା ପ୍ରଦାନର କାର୍ଯ୍ୟକ୍ରମ ରହିଛି ଓଡ଼ିଆ କବି ସମ୍ମିଳନୀ ଆୟୋଜନ ପାଇଁ ରାଜ୍ୟ ସରକାର କିଟ୍‌କୁ ସୁଯୋଗ ଦେଇଥିବାରୁ କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀ ସାମନ୍ତଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ସମ୍ମଳନୀ ଆୟୋଜନ କରାଯାଉଛି ସମ୍ମଳନୀରେ ଯୋଗ ଦେବାକୁ ଆସୁଥିବା କବିମାନଙ୍କର ଯେଭଳି କୌଣସି ଅସୁବିଧା ନ ହୁଏ ସେଥିପାଇଁ ଯତ୍ନବାନ ରହିବାକୁ କିଟ କର୍ତ୍ତୃପକ୍ଷଙ୍କୁ ଶ୍ରୀ ସାମନ୍ତ ପରାମର୍ଶ ଦେଇଛନ୍ତି

ଆଗାମୀ ୩ ତାରିଖ ଠାରୁ ଭୁବନେଶ୍ୱର ଜନତା ମୈଦାନ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ରାଜଧାନୀର ବିଭିନ୍ନ ପଥପାର୍ଶ୍ୱ ପ୍ରାଚୀରରେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ଓ ଐତିହ୍ୟକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଅଭିନବ ଶୈଳୀରେ ରଙ୍ଗୀନ ଚିତ୍ରିତ ପୋଷ୍ଟର ଅଙ୍କିତ କରାଯାଉଛି । ଓଡ଼ିଆ ଭାଷା, ସାହିତ୍ୟ ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଚିହ୍ନ ସ୍ୱରୂପ ଏହି ସବୁ ପଥପାର୍ଶ୍ୱ ପ୍ରାଚୀର ପୋଷ୍ଟରଗୁଡ଼ିକ ଅତ୍ୟନ୍ତ ଶୋଭାବର୍ଦ୍ଧନ କରୁଛି । ଏହି କ୍ରମରେ ଓଡ଼ିଶାର ସର୍ବପୁରାତନ ତଥା ପ୍ରଥମ ସମ୍ବାଦ ପତ୍ର 'ଉତ୍କଳ ଦୀପିକା'ର ପୋଷ୍ଟର ଇନଫୋସିସ୍ ଛକରେ ଦେଖିବାକୁ ମିଳିଛି । (ଫଟୋ : ସମ୍ବାଦ କଳିକା)

କିଟ୍ ଟିବିଆଇକୁ ସଫଳ ଇନକ୍ୟୁବେଟର ୨୦୨୩ ପୁରସ୍କାର

ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ

କିଟ୍ ଟିବିଆଇ ୨୦୨୩ ବର୍ଷର ସଫଳ ଇନକ୍ୟୁବେଟର ଭାବେ ପୁରସ୍କୃତ ହୋଇଛି । ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗର ଷ୍ଟାର୍ଟଅପ୍ ଓଡ଼ିଶା ଦ୍ୱାରା କିଟ୍ ଟିବିଆଇକୁ ୨୦୨୩ ବର୍ଷର ସଫଳ ଇନକ୍ୟୁବେଟର ଭାବରେ ପୁରସ୍କୃତ କରାଯାଇଛି । ବୁଧବାର ଓଡ଼ିଶା ସରକାରଙ୍କ ଏମଏସଏମଇ ବିଭାଗ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କଠାରୁ କିଟ୍ ଟିବିଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମୃତ୍ୟୁଞ୍ଜୟ ସୁଆର ଏହି ପୁରସ୍କାର ଗ୍ରହଣ କରିଥିଲେ । କିଟ୍ ଟିବିଆଇ ଟେକ୍ନୋଲୋଜି ଇନକ୍ୟୁବେସନ କ୍ଷେତ୍ରରେ ସମଗ୍ର ଦେଶରେ ଉଦାହାରଣ କରିବା ସହ ମାପଦଣ୍ଡ ସୃଷ୍ଟି କରିଛି । ଏହା ପୂର୍ବରୁ କିଟ୍ ଟିବିଆଇ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଏସିଆନ ଆସୋସିଏସନ୍ ଅଫ୍ ବିଜିନେଶ ଇନକ୍ୟୁବେସନ (ଏଏବିଆଇ) ଦ୍ୱାରା ଭାରତର ସର୍ବୋତ୍ତମ ଟିବିଆଇ ଭାବେ ପୁରସ୍କୃତ ହୋଇଛି । ଏହି ସଫଳତାରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କିଟ୍, ଟିବିଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ସୁଆର ଓ ତାଙ୍କ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି ।

ମୋ ମା'ଙ୍କ ଜୀବନର ଏକ ଅଧ୍ୟାୟ

ପୁଣ୍ୟ ପ୍ରଦୀପ ମିଶ୍ର

ଆମ ରାଜ୍ୟ ଓଡ଼ିଶାର କଟକସ୍ଥ ରେଭେନ୍‌ସା ଗାର୍ଲ ସ୍କୁଲର ୧୫୦ତମ ପ୍ରତିଷ୍ଠା ବାର୍ଷିକୀ ପାଳନ କରାଯାଉଛି । ବହୁ ମହୀୟସୀ ମହିଳା ଏହି ପୁରାତନ ସ୍କୁଲର ଛାତ୍ରୀ ଥିଲେ । ମୋର ପୂଜ୍ୟା ମାତା ଆଶା ମିଶ୍ର ଷଷ୍ଠ ଶ୍ରେଣୀ ଠାରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଉକ୍ତ ସ୍କୁଲରେ ଅଧ୍ୟୟନ କରୁଥିଲେ । ସେ ୧୯୪୧ ଖ୍ରୀ.ଅ.ରେ ରେଭେନ୍‌ସା ଗାର୍ଲସ୍ ସ୍କୁଲରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଲେ । ସେତେବେଳେ ସ୍କୁଲ ସହ ମହିଳା କଲେଜର ଆଇ.ଏ.କ୍ଲାସ୍ ସଂଯୁକ୍ତ ଥାଏ । ମୋର ମାଉସୀ ପ୍ରତିଭା ଦେବୀ ସେ ସମୟରେ ଆଉ.ଏ.ପାଠ ପଢୁଥିଲେ । ସେ ମଧ୍ୟ ରେଭେନ୍‌ସା ଗାର୍ଲସ୍ ସ୍କୁଲର ପୁରାତନ ଛାତ୍ରୀ । ମୋର ମାଆ ପଢିବା ସମୟରେ ଷଷ୍ଠ ଶ୍ରେଣୀର ମନିଟର ଥିଲେ ପୁଣ୍ୟପ୍ରଭା ପଟ୍ଟନାୟକ । ଶ୍ରେଣୀରେ ପିଲାଙ୍କୁ ଗଳ୍ପ ଶୁଣାଇବାର ଦକ୍ଷତା ପୁଣ୍ୟ ପ୍ରଭାଙ୍କ ଥିଲା ।

ସ୍କୁଲରେ ସପ୍ତମ ଶ୍ରେଣୀରେ ଓଡ଼ିଆ ପଢାଉ ଥିଲେ ବିଶିଷ୍ଟ ପ୍ରାବନ୍ଧିକ ବାଗ୍ମୀ ବିଶ୍ୱନାଥ କରଙ୍କ କନ୍ୟା ପ୍ରତିଭା କର । ମୋର ମାତା ଆଶା ରଥ (ମିଶ୍ର) ଓଡ଼ିଆ ବିଷୟରେ ଦୁର୍ବଳ ଥିଲେ । ସେଥିପାଇଁ ପ୍ରତିଭା ଦିଦିଙ୍କ ଠାରୁ ଗାଳି ଶୁଣିବାକୁ ହୋଇଥିଲା । ପରେ ଓଡ଼ିଆ ପ୍ରବନ୍ଧ, ଗଳ୍ପ ଇତ୍ୟାଦି ପଢି ସେ ଲେଖିବାର ଶୈଳୀ, ଭାଷା ଓ ଶବ୍ଦ ଗୁଡିକ ଶିଖିଥିଲେ । ଫଳରେ ଓଡ଼ିଆ ପ୍ରତି ଆଗ୍ରହ ସୃଷ୍ଟି ହୋଇ ପରବର୍ତ୍ତୀ କାଳରେ ଆଶା ରଥ ଓଡ଼ିଆ ଅଧ୍ୟାପିକା ହେଲେ ।

ସେ କାଳରେ ଭାରତରେ ସ୍ୱାଧୀନତା ସଂଗ୍ରାମର ଦୁନ୍ଦୁଭି ବାଜୁଥିଲା । ଆଶା ରଥଙ୍କ ସହପାଠୀ ମନୋରମା ରଥ ('ସମାଜ'ର ପୂର୍ବତନ ସଂପାଦକ ରାଧାନାଥ ରଥଙ୍କ କନ୍ୟା) ସ୍କୁଲ ପଢ଼ିଆରେ ପଢ଼ିଥିବା ଗୋଟିଏ ଟେବୁଲ୍ ଉପରେ ଠିଆ ହୋଇ ଭାଷଣ ଦେଲେ । ଇଂରେଜ ସରକାରଙ୍କ ମହିଳା ସଂଗ୍ରାମୀ ମାନଙ୍କ ପ୍ରତି ଅମାନୁଷିକ ଅତ୍ୟାଚାର ଛାତ୍ରୀମାନେ ସ୍ୱଚକ୍ଷୁରେ ଦେଖିଥିଲେ । ଏହାଦ୍ୱାରା ଛାତ୍ରୀମାନଙ୍କ ମନରେ ଆମ ଦେଶକୁ ସ୍ୱାଧୀନ କରିବାର ଚିନ୍ତା ଆହୁରି ବଳବତ୍ତର ହେଲା । ମୋର ମାତା ସ୍କୁଲ ବ୍ୟାଗ୍ ଭିତରେ ମହାତ୍ମା ଗାନ୍ଧିଙ୍କ ଫଟୋଟିଏ ଲୁଚାଇ ରଖିଥିଲେ ଓ ସେୟାକୁ ପୂଜା କରୁଥିଲେ ।

୧୯୪୭ ଖ୍ରୀ.ଅ.ରେ ଆମ ଦେଶ ସ୍ୱାଧୀନତା ହାସଲ କରିବା ବେଳେ ଆଶାରଥ ସ୍କୁଲ ଛାତ୍ରୀ ଥିଲେ । ସେଦିନ (ଅଗଷ୍ଟ ୧୫) ସ୍କୁଲରେ ଜାତୀୟ ପତାକା ଉଡୁଥାଏ ଓ ସାଜସଜ୍ଜା ହୋଇଥାଏ । କଟକ ଜିଲ୍ଲା ମଇଦାନରେ ସଭା ଆୟୋଜନ କରାଯାଇ ଥାଏ । ସ୍କୁଲରୁ ପ୍ରୋସେସନ୍ ବାହାରି ଜିଲ୍ଲା ମଇଦାନ ଯାଇଥିଲା ଓ ପିଲାମାନେ ସ୍କୁଲରୁ ଧାଡିରେ ଚାଲିଚାଲି ଯାଇଥିଲେ । ସେଠାରେ ସଭା ହେବା ସହ ପିଲାଙ୍କୁ ମିଠା ପୁଡିଆ ବଣ୍ଟା ହୋଇଥିଲା । ସେ ଦିନର ଆନନ୍ଦ କହିଲେ ନସରେ । ଆଶା ରଥ ରେଭେନ୍‌ସା ଗାର୍ଲସ୍ ସ୍କୁଲରେ ଦଶମ ଶ୍ରେଣୀରେ ପଢିଲା ବେଳେ ପ୍ରଭାତ ସିନେମାକୁ ସେକ୍ସପିଅରଙ୍କ 'ହାମ୍‌ଲଟ୍' ପିକ୍‌ଚର୍ ଆସିଥିଲା । ସ୍କୁଲର ଇଂରାଜୀ ଶିକ୍ଷୟିତ୍ରୀ ବେଲାଦିଦି ଛାତ୍ରୀମାନଙ୍କୁ ପିକ୍‌ଚର ଦେଖାଇବାର ବ୍ୟବସ୍ଥା କରିଥିଲେ । 'ହାମଲେଟ୍' କ୍ଲାସରେ ପଢାହେଉଥିବା ଯୋଗୁଁ ତାହା ଦେଖିବାରେ ଅଧିକ ଆନନ୍ଦ ମିଳିଥିଲା । ମୋର ମାତା ୧୯୪୫ ଖ୍ରୀ.ଅ.ରୁ ୧୯୫୧ ଖ୍ରୀ.ଅ: ଯାଏଁ ରେଭେନ୍‌ସା ଗାର୍ଲସ୍ ସ୍କୁଲର ଛାତ୍ରୀଥିଲେ । ୧୯୫୧ ଖ୍ରୀ :ଅ:ରେ ସେ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ।

ସ୍କୁଲରେ ପଢୁଥିବା ସମୟରେ ଆଶା ରଥଙ୍କ ରଚିତ 'କୋଣାର୍କ' ଶୀର୍ଷକ କବିତାଟିକୁ ପଣ୍ଡିତ ନୀଳକଣ୍ଠ ଦାସ ପାଠ କରି ଅତ୍ୟନ୍ତ ମୁଗ୍ଧ ହୋଇଥିଲେ । ଏହା ବାଳିକା ଆଶାଙ୍କ ପାଇଁ ପ୍ରେରଣା ଦାୟକ ଥିଲା । ପରବର୍ତ୍ତୀ କାଳରେ ଜଣେ କବି ତଥା ସୁଲେଖିକା ଭାବେ ଆଶା ମିଶ୍ର ଖ୍ୟାତି ଅର୍ଜନ କରିପାରିଥିଲେ । ରେଭେନ୍‌ସା ଗାର୍ଲସ୍ ସ୍କୁଲ ଭଳି ପୁରାତନ ସ୍କୁଲର ଛାତ୍ରୀ ହୋଇଥିବାରୁ ମୋ ମାଆ କେବଳ ଗର୍ବିତ ହୋଇନଥିଲେ ଆମେ ମାନେ ମଧ୍ୟ ଗର୍ବିତ । ମୋର ସାନ ଭଉଣୀ କଟକରେ ଥିବା ବେଳେ ରେଭେନ୍‌ସା ଗାର୍ଲସ୍ ସ୍କୁଲର ଛାତ୍ରୀ ଥିଲା । ସେହି ସ୍କୁଲର ଛାତ୍ରୀମାନେ ଦେଶ ତଥା ବିଦେଶରେ ସୁନାମ ଅର୍ଜନ କରିଛନ୍ତି ।

ଦିନ ବିତିଯାଏ, ସ୍ମୃତି ରହିଯାଏ । ଆଜି ମୋର ପୂଜ୍ୟା ମାତା ଆଶା ମିଶ୍ର ଆମ ଗହଣରେ ନାହାନ୍ତି । ମାତ୍ର ତାଙ୍କ ସ୍ମୃତି ଆମ ପାଇଁ ସନ୍ତକ ହୋଇ ରହିଛି । ଓଃ ଆଶା ମିଶ୍ରଙ୍କ କୃତି ଚିର ଭାସ୍ୱର ହୋଇ ରହିବ ।

ମୋବାଇଲ-୯୦୪୦୦୯୫୧୦୧

ସିଏମସି ଦ୍ୱାରା ସହରରେ ଉଚ୍ଚ ବିଦ୍ୟାଳୟଗୁଡିକରେ ଅଗ୍ନି ନିରାପତ୍ତା ପ୍ରଦର୍ଶନୀ

କଟକ,ନ୍ୟୁଜ୍‌ବ୍ୟୁରୋ

କଟକ ମହାନଗର ନିଗମ(ସିଏମସି) ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ୨୫ ତାରିଖ ଓ ୨୯ ତାରିଖଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଉଚ୍ଚ ବିଦ୍ୟାଳୟସ୍ତରୀୟ ଅଗ୍ନି ନିରାପତ୍ତା ପ୍ରଦର୍ଶନୀ କାର୍ଯ୍ୟକ୍ରମ ୪ଟି ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । କୁଞ୍ଜବିହାରୀ ଉଚ୍ଚ ବିଦ୍ୟାଳୟ, ନିମପୁର ନୋଡାଲ ଉଚ୍ଚ ବିଦ୍ୟାଳୟ, ରଘୁନାଥଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଲକ୍ଷେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସିଏମସି ଡେପୁଟି କମିଶନର ସୁକାନ୍ତ କୁମାର ବେଉରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ସିଏମସି ଅଗ୍ନି ନିରାପତ୍ତା ପ୍ରକଳ୍ପ ସଂଯୋଜକ ଶ୍ରୀନିବାସ ପଣ୍ଡା ଏହି ଅଗ୍ନି ନିରାପତ୍ତା ପ୍ରଦର୍ଶନୀର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟର ଅଗ୍ନି ନିରାପତ୍ତା ବିଷୟରେ ଜଣାଇବା ସହ ବିଦ୍ୟାଳୟ ସୁରକ୍ଷା ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା । କିପରି ଅଗ୍ନିକାଣ୍ଡ କମାଇ ହେବ, ଅଗ୍ନିକାଣ୍ଡ ହେବାକୁ ଦେବା ନାହିଁ ଓ ଏହାଠାରୁ ସୁରକ୍ଷିତ ରହିବା ସେ ବିଷୟରେ ଏହି ପ୍ରଦର୍ଶନୀ ମାଧ୍ୟମରେ ଅବଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଉକ୍ତ ବିଦ୍ୟାଳୟଗୁଡିକର ପ୍ରଧାନ ଶିକ୍ଷକଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା ବେଳେ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ ।

ଭୁବନେଶ୍ୱର : ୭୫ତମ ଜନ୍ମଜୟନ୍ତୀ ଅବସରରେ 'ସମ୍ବାଦ କଳିକା'ର ସ୍ତମ୍ଭକାର ବିଶିଷ୍ଟ ଯୋଗଗୁରୁ ଶ୍ୟାମସୁନ୍ଦର ଅଗ୍ରୱାଲଙ୍କୁ ବିଜୁ ପଟ୍ଟନାୟକ ପାର୍କ ସ୍ଥିତ ଓମ୍ ପ୍ରାଣାୟାମ କେନ୍ଦ୍ର ପକ୍ଷରୁ ପୁଷ୍ପାଭିଷେକ ସହିତ ଦୀର୍ଘ ଜୀବନ ସୁମନାସ ସହ ଉତ୍ତରୋତ୍ତର ମଙ୍ଗଳ କାମନା କରାଯାଉଛି । ଏହି ଉତ୍ସବରେ ବିଶିଷ୍ଟ ଲୋକକଳା ଓ ଶାସ୍ତ୍ରୀୟ ବିଶାରଦ ତଥା 'ସମ୍ବାଦ କଳିକା'ର ଅନ୍ୟତମ ସ୍ତମ୍ଭକାର ଡ. ମନ୍ମଥ କୁମାର ଶତପଥୀ, 'ସମ୍ବାଦ କଳିକା'ର ସମ୍ପାଦକ ଜୟାଶୀଷ ରାୟ, ପ୍ରଫୁଲ୍ଲ କୁମାର ରଥ, ଚିତ୍ତ ରଞ୍ଜନ ମହାରଣା, ସ୍ୱଦେଶ କୁମାର ରାଲହାନ, ଅଲେଖ ନାୟକ, ବାଦଲ ପରିଜା, ଦୀପ୍ତି ରଞ୍ଜନ ମିଶ୍ର, ଗୋପବନ୍ଧୁ ନାୟକ, କିଶୋର ଭାଇ ଖିମ୍‌ଜୀ, ମିରାଜ ଅହମ୍ମଦ, ନବକିଶୋର ସାମଲ, ନିହାର ଦାସ, ରାମଚନ୍ଦ୍ର ସାମନ୍ତରାୟ, ସୌରେନ୍ଦ୍ର ଦାସ, ବିରଞ୍ଚି ମହାନ୍ତି, ଡ. ବିଷ୍ଣୁ ଚରଣ ଦାଶ, ହେମନ୍ତ କୁମାର ସାହୁ, ମହେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । (ଫଟୋ : ସମ୍ବାଦ କଳିକା)

ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ବରିଷ୍ଠ କ୍ଷିପ୍ର ଲେଖକ ଗୌର ଚନ୍ଦ୍ର ମହାପାତ୍ରଙ୍କ ଅବସର ଗ୍ରହଣ

ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ

ଗୌରଚନ୍ଦ୍ର ମହାପାତ୍ର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ କ୍ଷିପ୍ର ଲେଖକ ଭାବେ ଦୀର୍ଘ ୩୭ ବର୍ଷ କାର୍ଯ୍ୟ କରି ଗୁରୁବାର ଅବସର ଗ୍ରହଣ କରିଛନ୍ତି । ଶ୍ରୀ ମହାପାତ୍ର ୧୯୮୬ ରୁ ୧୯୯୦ ପର୍ଯ୍ୟନ୍ତ ଗଜପତି ସୂଚନା ଓ ଲୋକ ସମ୍ପର୍କ ଜିଲ୍ଲାରେ କାର୍ଯ୍ୟରତ ଥିଲେ । କେବଳ ଜିଲ୍ଲା ସ୍ତରୀୟ ସୂଚନା ଓ ଲୋକ ସମ୍ପର୍କ ବିଭାଗରେ ସେ ଯେ ସକ୍ରିୟ ଥିଲେ ତାହା ନୁହେଁ ବିଭାଗୀୟ ମୁଖ୍ୟ ଦପ୍ତର ନ୍ୟସ୍ତ କରୁଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ସେ ସୂଚାରୁ ରୂପେ ତୁଲାଉଥିଲେ । ଗଣମାଧ୍ୟମ ପରିଚାଳନାରେ ସେ ବେଶ୍ ସକ୍ରିୟ ଥିଲେ ।

ଗୁରୁବାର ଅବସର ନେଉଥିବା ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କୁ ସାକ୍ଷାତ୍ କରି ସୁସ୍ଥ ଅବସର କାଳୀନ ନିରାମୟ ଜୀବନ କାମନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀ ମହାପାତ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କାର୍ଯ୍ୟାଳୟ କର୍ମଚାରୀ ମେରିଲିନା ରାଉତରାୟ, ରଥିଆ ନାୟକ, ଦୀପାଳୀବାଳା ଦାସ, ରାମଚନ୍ଦ୍ର ପଲେଇ, ପ୍ରଦୀପ ମାନ୍ଧାତା ପ୍ରମୁଖ ଯୋଗଦେଇ ଶ୍ରୀ ମହାପାତ୍ରଙ୍କ ବିଗତ ଦିନର କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭାଗର ବରିଷ୍ଠ କର୍ମଚାରୀ ଶକ୍ତି ରଞ୍ଜନ ରାଉତ ଏବଂ ନିକ୍ଷେପକ ନଗେନ୍ଦ୍ର ସେଠୀ ପ୍ରମୁଖ ଏହି ଅବସର କାଳୀନ ସଭାରେ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ମହାପାତ୍ରଙ୍କୁ ଅବସରକାଳୀନ କାଗଜପତ୍ର ପ୍ରଦାନ କରାଯାଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଅନ୍ତରୀଣ ବଜେଟ୍‌ରେ ...

ଆବଶ୍ୟକତା ଓ ଆକାଂକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା । ଅର୍ଥମନ୍ତ୍ରୀ କହିଛନ୍ତି ଯେ କୃଷକଙ୍କ ଆୟ ବୃଦ୍ଧି ପାଇଁ ସରକାରଙ୍କ ପଦକ୍ଷେପ ଅନୁଯାୟୀ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ସମୟ ସମୟରେ ବୃଦ୍ଧି କରାଯାଇଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଆମ ଅନ୍ନଦାତାଙ୍କ କଲ୍ୟାଣ ପାଇଁ ପ୍ରତିବର୍ଷ ପିଏମ କିଷାନ ସମ୍ମାନ ଯୋଜନାରେ ୧୧.୮ କୋଟି କୃଷକଙ୍କୁ ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ପିଏମ ଫସଲ ବୀମା ଯୋଜନାରେ ୪ କୋଟି କୃଷକଙ୍କୁ ଫସଲ ବୀମା ପ୍ରଦାନ କରାଯାଏ । ଯୁବପିଢ଼ିଙ୍କୁ ସଶକ୍ତ କରିବା ଉପରେ ଆମର ସମୃଦ୍ଧି ନିର୍ଭର କରୁଛି । ଅର୍ଥମନ୍ତ୍ରୀ କହିଛନ୍ତି, ୭୮ ଲକ୍ଷ ଉଠା ଦୋକାନୀଙ୍କୁ ଦିଆଯାଇଛି ଆର୍ଥିକ ସହାୟତା । ଅର୍ଥବ୍ୟବସ୍ଥାରେ ସକରାତ୍ମକ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ୨୦୪୭ ଭିତରେ ଭାରତ ଏକ ବିକଶିତ ରାଷ୍ଟ୍ର ହେବ-ଦେଶର ଆର୍ଥିକ, ସାମାଜିକ ସମାନତା ପାଇଁ ପ୍ରୟାସ କରାଯାଉଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ୫ ବର୍ଷରେ ଆଉ ୨ କୋଟି ପକ୍କା ଘର ନିର୍ମାଣ କରାଯିବ । ଗରିବଙ୍କୁ ପକ୍କା ଘର ଯୋଗାଇ ଦିଆଯାଉ

RNI Regd. No. : 52640/94 Postal Regd. No. : BN/60/22-24
ଭୁବନେଶ୍ୱର ୦୨ ଫେବୃୟାରୀ ଶୁକ୍ରବାର, ୨୦୨୪



ଓଡ଼ିଆ ଭାଷାର ସମୃଦ୍ଧ ବିକାଶରେ ଆଦିବାସୀ ଭାଷାର ଭୂମିକା

(ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ)



ବିଜୟ ଉପାଧ୍ୟାୟ

ଯେକୌଣସି ସଭ୍ୟତାର ବହ୍ୟିକ ପରିପ୍ରକାଶ ହେଉଛି ତାର ସଂସ୍କୃତି । ଗୋଟିଏ ସଭ୍ୟତା ନିର୍ମାଣ ପଛରେ ଥାଏ ଏକାଧିକ ଲୋକ ସଂସ୍କୃତି । ଆଉ ମଧ୍ୟ ଗୋଟିଏ ସଂସ୍କୃତିର ଆବିର୍ଭାବ ହଠାତ୍ ହୁଏ ନାହିଁ ବା ବାହାରୁ ଆଣି କେହି କେବେ ଥୋପି ଦେଇପାରେ ନାହିଁ । ମଣିଷର ସମସ୍ତ ପ୍ରବୃତ୍ତିଗତ ଓ ସ୍ୱାଭାବିକ ଆଚରଣକୁ ସୁନ୍ଦରତର ଓ ଉନ୍ନତତର କରିବା ଦିଗରେ ସମାଜର ତାଗିଦା ଓ ନିୟନ୍ତ୍ରଣ ହିଁ ଶହ ଶହ ବର୍ଷ ଧରି ଏହି ସଂସ୍କୃତିର ନିର୍ମାଣ କରୁଥାଏ । ବ୍ୟକ୍ତି ଓ ସମାଜ ଭିତରେ ଥିବା ଆନ୍ତଃ ସମ୍ପର୍କର ତାହା ହିଁ ପାଲଟିଯାଏ ନିୟାମକ । ଏହିଭଳି ବିଭିନ୍ନ ଜାତି, ଗୋଷ୍ଠୀ ଓ ସଂପ୍ରଦାୟର ଚଳଣି ଓ ସଂସ୍କୃତିର ସାମୂହିକ ମିଶ୍ରଣ ହିଁ ଏକ ସଭ୍ୟତା । ଏହି ସଭ୍ୟତାର ସମୃଦ୍ଧ ଭାବନା, ଚିନ୍ତା ଓ ଧାରଣା ସମାଜ ଆଗରେ ଥୁଅନ୍ତି ଏକ ଦିଗ୍‌ଦର୍ଶନ । ଯେଉଁ ସମସ୍ତ ସଂସ୍କୃତି ଏହାର ମୂଳ ଭିତ୍ତିରୂପେ କାମ କରନ୍ତି, ସେମାନେ ପ୍ରତ୍ୟେକ ଗୋଟିଏ ଲେଖାଏଁ ଭାଷାର ଧାରକ । ଏଭଳି ଭାବେ ଦେଖିଲେ ଆମର ରାଜ୍ୟ ଓଡ଼ିଶା ଏକ ବହୁଭାଷୀ ରାଜ୍ୟ, ଯାହାର ମୁଖ୍ୟ ଭାଷା ଓଡ଼ିଆ । ଓଡ଼ିଆ ଭାଷା ଖାଲି ଗୋଟିଏ ବିପୁଳ ସମୁଦାୟ କଥିତ ଭାଷା ନୁହେଁ, ଏହା ମଧ୍ୟ ବହନ କରେ ଏକ ସମୃଦ୍ଧ ସାହିତ୍ୟିକ ପରମ୍ପରା ଓ ଐତିହ୍ୟ ।

ଜାତୀୟ ଶିକ୍ଷା ନୀତିର ଧାରା ୪.୧୫ ଅନୁଯାୟୀ ''ଭାରତର ଭାଷାଗୁଡ଼ିକ ପୃଥିବୀର ସବୁଠାରୁ ସମୃଦ୍ଧ, ବିଜ୍ଞାନ ସମ୍ମତ, ସୁନ୍ଦର ଏବଂ ଅତ୍ୟନ୍ତ ପ୍ରାଞ୍ଜଳ ଭାଷା ମଧ୍ୟରେ ଅନ୍ୟତମ, ଯାହା ପ୍ରାଚୀନ ଓ ଆଧୁନିକ ସାହିତ୍ୟ (ଉଭୟ ଗଦ୍ୟ ଓ କବିତା)ର ଏକ ବିଶାଳ ଭଣ୍ଡାର'' । ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ପାଇବାର ଅର୍ଥ ହେଉଛି ଏହାର ଐତିହ୍ୟ, ସୌନ୍ଦର୍ଯ୍ୟ ଓ ସମୃଦ୍ଧି ପ୍ରତି ସ୍ୱୀକୃତି ଦେବା । ଏହି ଐତିହ୍ୟକୁ ଉଜ୍ଜ୍ୱଳ କରିବା ଦିଗରେ ସଂସ୍କୃତ ଭାଷା ପ୍ରତି ପାଣିନୀଙ୍କର ଯାହା ଅବଦାନ, ଓଡ଼ିଆ ଭାଷା ପ୍ରତି ସେହିଭଳି ଅବଦାନ ରହିଛି ଗୋପାଳ ଚନ୍ଦ୍ର ପ୍ରହରାଜଙ୍କର । ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ ଏକ ସମନ୍ୱିତ ଓଡ଼ିଆ ଭାଷାର ବିକାଶ ପାଇଁ ବିଭିନ୍ନ ଆଞ୍ଚଳିକ ଭାଷା ଓ ଆଦିବାସୀ ଭାଷାର ଶବ୍ଦ ସଂଗ୍ରହ କରିବାରେ ସେ ଥିଲେ ଆଦି ଉଦ୍ୟୋକ୍ତା । ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ପାଇବା ପରେ ଏ ଦିଗରେ ପୁଣିଥରେ ବିପୁଳ ଉଦ୍ୟମ କରିବାର ଆବଶ୍ୟକତା ଦେଖାଯାଇଛି । କାରଣ ବିଭିନ୍ନ ଆଞ୍ଚଳିକ ଭାଷା ଓ ବୋଲି (ଯଥା – ବାଲେଶ୍ୱରୀ, ପୁରୀ, କୋଶଳୀ, ସମ୍ବଲପୁରୀ ଓ ବରହମପୁରୀ) କୁ ଛାଡ଼ି ଏଠାରେ ରହିଛି ୬୨ଟି ଜନଜାତିର ଭାଷା ଓ ଦଳିତମାନଙ୍କ ଡମ୍ ଭାଷା । ଏହି ୬୨ଟି ଭାଷା ମଧ୍ୟରୁ ୨୧ ଟିକୁ ଶ୍ରେଣୀଗୃହର ଭାଷା ରୂପେ ବ୍ୟବହାର କରିବା ଲାଗି ଓଡ଼ିଶା ସରକାର ସମ୍ମତି ଓ ସ୍ୱୀକୃତି ଦେଇସାରିଛନ୍ତି । ଜାତୀୟ ଶିକ୍ଷାନୀତିରେ ଏହିସବୁ ଭାରତୀୟ ଭାଷାର ଉଲ୍ଲେଖନୀୟ ଏକତା ସାଧାରଣ ଧ୍ୱନି ଏବଂ ବିଜ୍ଞାନସମ୍ମତ ଭାବେ ବ୍ୟବହୃତ ବର୍ଣ୍ଣମାଳା ଓ ଲିପି ତଥା ବ୍ୟାକରଣଗତ ସଂରଚନା ପ୍ରତି ସଜାଗ ରହିବା ସକାଶେ କୁହାଯାଇଛି । ପୁଣି କୁହାଯାଇଛି ଯେ, କେଉଁ ଭୌଗୋଳିକ କ୍ଷେତ୍ରର ଆଦିବାସୀମାନେ କି କି ଭାଷା କହୁଛନ୍ତି, ସେଥିପ୍ରତି ଏବଂ ସେସବୁର ଗଠନ, ପ୍ରକୃତି ସାଧାରଣଭାବେ କଥିତ ବାକ୍ୟ ଓ ବାକ୍ୟାଂଶ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ତା'ର ସମୃଦ୍ଧି ଲୋକସାହିତ୍ୟ, ଲୋକଗୀତି ଏବଂ ବେଶ୍ କିଛି ପୂର୍ବ ଭାରତୀୟ ଆଦିବାସୀ ଭାଷାର ଲିଖିତ ସାହିତ୍ୟ ମଧ୍ୟ ଆମ୍ଭମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ।

ଓଡ଼ିଶାର ବିଭିନ୍ନ ଆଞ୍ଚଳିକ ଭାଷା ବିଶେଷକରି ସମ୍ବଲପୁରୀ (ଡଃ ପ୍ରଫୁଲ୍ଲ ତ୍ରିପାଠୀ) ଓ ସୁନ୍ଦରଗଡ଼ୀ ଭାଷାର ଅଭିଧାନ ଉପଲବ୍ଧ । ଅବିଭକ୍ତ କୋରାପୁଟର ଆନ୍ତଃ ଆଦିବାସୀ କଥିତ ଭାଷାରୂପେ ବ୍ୟବହୃତ ଦେଶିଆ ଭାଷା ସମ୍ପର୍କରେ ମଧ୍ୟ ଅତୀତରେ ଖଗେଶ୍ୱର ମହାପାତ୍ରଙ୍କ ଭଳି ଭାଷାବିତ୍ ଗବେଷଣା କରିଛନ୍ତି ଓ ତା'ର ଶବ୍ଦ ସମ୍ପଦର ଉଲ୍ଲେଖନୀୟ ସଂଗ୍ରହ ମଧ୍ୟ କରିଛନ୍ତି । ପରବର୍ତ୍ତୀ ସମୟରେ ଆଦିବାସୀ ଭାଷା ସଂସ୍କୃତି ଏକାଡେମୀ ତରଫରୁ ରାଜେନ୍ଦ୍ର ପାଢୀ ଓ ବିଜୟ ଉପାଧ୍ୟାୟଙ୍କ ଦ୍ୱାରା ସଂକଳିତ ଦେଶିଆ ଜ୍ଞାନକୋଷ, ଦେଶିଆ ସାଂସ୍କୃତିକ ଶବ୍ଦକୋଷ ରୂପେ ଆଦୃତ । ନିକଟରେ ଏହି ଦୁଇ ଜଣଙ୍କ ଦ୍ୱାରା ସଂକଳିତ ଓଡ଼ିଆ – ଇଂରାଜୀ – ଦେଶିଆ ଶବ୍ଦକୋଷ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହେବାକୁ ଯାଉଛି । ଆଦିବାସୀ ଭାଷା ସଂସ୍କୃତି ଏକାଡେମୀ ଦ୍ୱାରା ପିଲାମାନଙ୍କ ଉପଯୋଗୀ ହେଲାଭଳି ୨୧ଟି ଆଦିବାସୀ ଭାଷାର ବ୍ୟାକରଣ ଓ ଶବ୍ଦ ସମ୍ଭାରକୁ ନେଇ ପୁସ୍ତକମାନ ପ୍ରକାଶ କରାଯାଇଛି ।

ଏସବୁ ସତ୍ତ୍ୱେ ବେଶ୍ କିଛି ଭାଷାର ମୃତ୍ୟୁକୁ ଆମେ ରୋକିପାରିନାହୁଁ । ପୂର୍ବୋକ୍ତ ଏକାଡେମୀ ଦ୍ୱାରା ଯେଉଁ କେତୋଟି ବଞ୍ଚି ରହିଥିବ ଏବଂ ସମୃଦ୍ଧ ହେବାର ସମ୍ଭାବନା ଥିବା ଆଦିବାସୀ ଭାଷାକଥା ଉଲ୍ଲେଖ କରାଯାଇଛି, ସେସବୁ ହେଉଛି ସାନ୍ତାଳୀ, କୁଇ, କୁଭୀ, ସଉରା, ଦେଶିଆ, ଗଣ୍ଡ, ଜୁଆଙ୍ଗ, ପରଜା, ଗଦବା, କୋୟା, ବଣ୍ଡା, ଡିଡାୟୀ, ହୋ, ସାଦ୍ରୀ, ଖଡ଼ିଆ, ଭୁୟାଁ, ବିଞ୍ଝାଲ, ଭୁଂଜିଆ, ଭୂମିଜ ଓ ମୁଣ୍ଡାରୀ । ଯେହେତୁ ମାତୃଭାଷାରେ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେବାପାଇଁ ଜାତୀୟ ଶିକ୍ଷା ନୀତିରେ କୁହାଯାଇଛି, ଏସବୁରେ ପାଠ୍ୟ ପୁସ୍ତକ ମଧ୍ୟ ସରକାରୀ ସ୍ତରରେ ପ୍ରସ୍ତୁତ କରାସରିଛି । କିନ୍ତୁ ଉପଯୁକ୍ତ ଭାଷା ଶିକ୍ଷକଙ୍କ ଅଭାବରୁ ସେସବୁ ଶ୍ରେଣୀଗୃହରେ ପଢ଼ାଯାଇ ପାରୁନାହିଁ । ତେବେ ୨୦୦୭ରୁ ୨୦୧୦ ମସିହା ମଧ୍ୟରେ ସାନ୍ତାଳୀ, କୋୟା, ବଣ୍ଡା, ସୌରା, କୁଇ, କୁଭୀ ଓ ଜୁଆଙ୍ଗ ଆଦି ସାତୋଟି ଆଦିବାସୀ ଭାଷା ପାଇଁ ୩୪୦୦ ଭାଷା ଶିକ୍ଷକ ନିଯୁକ୍ତ ହୋଇଥିଲେ । ଦୁଃଖର କଥା ଗତ ଦଶବର୍ଷ ଭିତରେ ଏହି ଶିକ୍ଷକମାନେ ଓ.ଇ.ଟି. ଜରିଆରେ ସାଧାରଣ ଶିକ୍ଷକରେ ପରିଣତ ହୋଇଛନ୍ତି । ଏହାଫଳରେ ସେହି ଭାଷାଭାଷୀ ଛାତ୍ରମାନେ ଥିବା ସ୍କୁଲରୁ ସହରାଞ୍ଚଳର ବିଦ୍ୟାଳୟମାନଙ୍କୁ ବଦଳି ହୋଇ ସେମାନେ ପୁରୁଣା ମାତୃଭାଷା ଶିକ୍ଷାଦାନ କାର୍ଯ୍ୟରୁ ନିବୃତ୍ତ ହୋଇସାରିଛନ୍ତି । ଅର୍ଥାତ୍ ଆଜିର ସମସ୍ୟା କେବଳ ବାକି ରହିଯାଇଥିବା ୧୪ଟି ଭାଷା ନୁହେଁ, ସମୁଦାୟ ୨୧ଟି ଯାକ ଭାଷାର ଭାଷା ଶିକ୍ଷକ ନିଯୁକ୍ତି କରିବା ଏବଂ ବିଭିନ୍ନ ଆଦିବାସୀ ଗୋଷ୍ଠୀର ପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମାତୃଭାଷାରେ ଶିକ୍ଷିତ ହେବାର ସୁଯୋଗରୁ ବଞ୍ଚିତ ନ କରିବା । କାରଣ ମାତୃଭାଷାରେ ଶିକ୍ଷା ହିଁ ପିଲାଙ୍କ ସୃଜନଶୀଳତା ବିକାଶର ବିକଳ୍ପବିହୀନ ମାଧ୍ୟମ ।

ଫୋନ୍ ନଂ : ୯୬୬୮୨୨୨୭୬୬୨

"ଭାଷା ଭିତ୍ତିରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଦେବା ପାଇଁ ଯେଉଁ କେତେଜଣ ବରେଣ୍ୟ ଓଡ଼ିଆ ଆଗଧାଡିରେ ରହିଥିଲେ ସେମାନଙ୍କ ମଧ୍ୟରେ କର୍ମବୀର ଗୌରୀଶଙ୍କର ଅନ୍ୟତମ । ଗୌରୀଶଙ୍କର ଓଡ଼ିଶାର ନବଜାଗରଣର ଅନ୍ୟତମ ଆଦ୍ୟ ପ୍ରବର୍ତ୍ତକ ଥିଲେ । ୧୮୬୬ ମସିହାରେ ତାଙ୍କ ଦ୍ୱାରା ପ୍ରକାଶିତ 'ଉତ୍କଳ ଦୀପିକା' ଓଡ଼ିଶାର ପ୍ରଥମ ବିଧିବଦ୍ଧ ସମ୍ବାଦପତ୍ର । ଏଥିରେ ସେହି ସମୟର ଶାସନ ଏବଂ ସମାଜ ବ୍ୟବସ୍ଥାର ସମାଲୋଚନା ସାଙ୍ଗକୁ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ଖବର ସବୁ ପ୍ରକାଶ ପାଉଥିଲା । ତେଣୁ ଉତ୍କଳ ଦୀପିକା ଘରେ ଘରେ ପରିଚିତ ହୋଇପାରିଥିଲା । ଓଡ଼ିଆ ଭାଷା ସାହିତ୍ୟକୁ ଏହି ଖବର କାଗଜର ବିଶେଷ ଅବଦାନ ରହିଆସିଛି । ଉତ୍କଳ ଦୀପିକା ମାଧ୍ୟମରେ ଗୌରୀଶଙ୍କର ତତ୍କାଳୀନ ଓଡ଼ିଶାକୁ ସାମାଜିକ, ନୈତିକ ତଥା ରାଜନୈତିକ କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ଦେବାରେ ସଫଳ ହୋଇଥିଲେ । ତା'ସହ ସମାଜ ସଂସ୍କାର, ଓଡ଼ିଆ ଭାଷାର ସମୃଦ୍ଧି, ସୁରକ୍ଷା ଏବଂ ବିଭିନ୍ନ ଓଡ଼ିଆ ଭିତ୍ତିକ କାର୍ଯ୍ୟକ୍ରମ ପାଇଁ ସେ ସଦାସର୍ବଦା ଯତ୍ନବାନ ଥିଲେ ।
ଏଠାରେ ଉଲ୍ଲେଖଯୋଗ୍ୟ ଯେ, "ଉତ୍କଳ ଦୀପିକା" ମଝିରେ କିଛିଦିନ ପାଇଁ ବନ୍ଦ ରହିଥିଲେ ମଧ୍ୟ ଗୌରୀଶଙ୍କରଙ୍କର ସୁଯୋଗ୍ୟ ନାତି ଜୟାଶୀଷ ରାୟ ୨୦୧୬ରୁ ଏହି ସାପ୍ତାହିକ ସମ୍ବାଦ ପତ୍ର ପୁନଃ ପ୍ରକାଶ କରି ଆସୁଛନ୍ତି ।"



କର୍ମବୀର ଗୌରୀଶଙ୍କରଙ୍କ କୃତି ଓ କୀର୍ତ୍ତି

୧. ଗୌରୀଶଙ୍କର ବାଲେଶ୍ୱରରେ ଚାକିରି ଜୀବନ ଆରମ୍ଭ କରିଥିଲେ । ଚାକିରି ଜୀବନରେ ନ୍ୟାୟନିଷ୍ଠତା, ନିର୍ଭୀକତା, କର୍ତ୍ତବ୍ୟପରାୟଣ ପାଇଁ ସେ ସବୁଠାରେ ଆଦର୍ଶବାଦ ହୋଇଥିଲେ ।
୨. ଗୌରୀଶଙ୍କର ଓଡ଼ିଶାରେ ପବ୍ଲିକ ଲାଇବ୍ରେରୀ ଧାରା ଆରମ୍ଭ କରିଥିଲେ ।
୩. ସେ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ୟଙ୍ଗମ୍ୟାନ୍‌ସ ଆସୋସିଏସନ, ଉତ୍କଳ ସଭା, ଉତ୍କଳସଭା, ଉତ୍କଳୋଲ୍ଲାସିନୀ ସଭା, ପୁରାଣ ପ୍ରକାଶନୀ ସମିତି ଆଦି ସାହିତ୍ୟ, ସଂସ୍କୃତି ଓ ରାଜନୈତିକ ତଥା ସାମାଜିକ ସେବାମୂଳକ ଅନୁଷ୍ଠାନ ଗଠନ କରିଥିଲେ ।
୪. ଜଗମୋହନ ରାୟ, ଜଗମୋହନ ଲାଲ ବିଚିତ୍ରାନନ୍ଦ ଦାସ ଆଦିଙ୍କ ସହାୟତାରେ କଟକ ପ୍ରିଣ୍ଟିଂ କମ୍ପାନୀ ଉତ୍କଳ ଦୀପିକା ପ୍ରତିଷ୍ଠା କରିଥିଲେ ।
୫. ଦୀର୍ଘ ୫୦ ବର୍ଷ ଧରି 'ଉତ୍କଳ ଦୀପିକା'ର ସେ ପ୍ରତିଷ୍ଠାତା ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ ।
୬. ଓଡ଼ିଆ ଭାଷା ରକ୍ଷା ଆନ୍ଦୋଳନରେ ସେ ଥିଲେ ପୁରୋଧା ।
୭. ଓଡ଼ିଆ ଭାଷା ରକ୍ଷା ଆନ୍ଦୋଳନରେ ପୁରୋଧ ରୂପେ କାର୍ଯ୍ୟ କରି ଓଡ଼ିଶାକୁ ବଙ୍ଗଭାଷା, ତେଲୁଗୁ ଓ ହିନ୍ଦୀଭାଷା ଆକ୍ରମଣରୁ ରକ୍ଷା କରିଥିଲେ ।
୮. ବିଚ୍ଛିନ୍ନ ଉତ୍କଳର ଏକତ୍ରୀକରଣରେ ସେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।
୯. ଓଡ଼ିଆମାନଙ୍କ ସଂହତି ପାଇଁ ସେ ଅତୁଳନୀୟ କାର୍ଯ୍ୟ କରିଥିଲେ ।
୧୦. ଦୀକ୍ଷିତ ପଡ଼ାର ବାଳିକା ବିଦ୍ୟାଳୟ, ଦୀକ୍ଷିତ ପଡ଼ାର ଡାକ୍ତରଖାନା, କଟକ କାଠଗଡ଼ା ସାହିର କାୟସ୍ଥ ଛାତ୍ରାବାସ, କଟକର ପ୍ୟାରୀମୋହନ ଏକାଡ଼େମୀ, କଟକ ଟାଉନ ହଲ୍ ଆଦି ତାଙ୍କ ବ୍ୟକ୍ତିଗତ ଦାନରେ ନିର୍ମିତ ହୋଇଥିଲା ।
୧୧. ଓଡ଼ିଶାର ବହୁ ସ୍ଥାନରେ ପୋଲ, ପୋଖରୀ ଘାଟ ଆଦି ନିର୍ମାଣ କରିଥିଲେ ।
୧୨. ସେ ଓଡ଼ିଶା ସଙ୍ଗୀତ, ସାହିତ୍ୟ, ନୃତ୍ୟ ଆଦି କଳାର ସଂରକ୍ଷଣ ଓ ବିକାଶ ପାଇଁ ଅତୁଳନୀୟ କାର୍ଯ୍ୟ କରିଛନ୍ତି ।
୧୩. ସେ ପ୍ରାୟତଃ ବ୍ରାହ୍ମ ମନ୍ଦିରରେ ତିନ୍ମୟ ହୋଇ ପ୍ରାର୍ଥନା କରୁଥିଲେ ।
୧୪. ଦୁର୍ଗାପୂଜା, ଚନ୍ଦନ ଯାତ୍ରାଦିରେ ବହୁ ଅର୍ଥ ବିନିଯୋଗ କରୁଥିଲେ ।
୧୫. ସାମାଜିକ ସଂସ୍କାର ପାଇଁ ସେ ବହୁ ଆନ୍ଦୋଳନ ଚଳାଇ ସକ୍ରିୟ ହୋଇଥିଲେ, ସେହି ଆନ୍ଦୋଳନରେ ମୁଖ୍ୟ କାର୍ଯ୍ୟ ଥିଲା, ବାଲ୍ୟ ବିବାହ ବନ୍ଦ କରିବା, ବିଧବା ବିବାହ ପ୍ରଚଳନ କରିବା, ଭଣ୍ଡ ସାଧୁସନ୍ଥ ସନ୍ନ୍ୟାସୀଙ୍କ ପ୍ରଭାବରେ ନ ପଡ଼ିବା, କୁସଂସ୍କାରରୁ ମୁକ୍ତ ହେବା, ଯୌତୁକ ବିହୀନ ବିବାହ କରିବା ଇତ୍ୟାଦି ।
୧୬. ସେ ଓଡ଼ିଆ ସାହିତ୍ୟ ସମ୍ଭାରକୁ ଦେଇଯାଇଛନ୍ତି ନିର୍ମଳ ଓ ନିର୍ଭୀକ ସାମ୍ବାଦିକ ପରମ୍ପରା ।
୧୭. ଜାତୀୟତାବାଦୀ ଚିନ୍ତାଧାରା ତାଙ୍କର ଅନ୍ୟ ଏକ ଅବଦାନ । ଏ ଦିଗରେ ସେ ଥିଲେ ଆଦ୍ୟ ପ୍ରବକ୍ତା ।
୧୮. ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ନିରନ୍ତର ଚିନ୍ତା କରିବା ସହିତ ଯୋଜନାମୂଳକ କାର୍ଯ୍ୟ ମଧ୍ୟ କରୁଥିଲେ ।
୧୯. ଉତ୍କଳ ଦୀପିକା ହେଉଛି ତାଙ୍କର ସର୍ବଶ୍ରେଷ୍ଠ ଦାନ, ଏଥିରେ ଜାତୀୟ ଇତିହାସ ଲିପିବଦ୍ଧ ହୋଇ ରହିଛି ।
୨୦. ଟାଇପ୍ ଫାଉଣ୍ଡେସନ୍‌ର ସେ ଥିଲେ ଆଦ୍ୟ ଜନକ ।
୨୧. ଓଡ଼ିଶାର ଉନ୍ନତ ପ୍ରେସୀୟ ପରମ୍ପରାକୁ ସେ ହିଁ ଆରମ୍ଭ କରିଥିଲେ ।
୨୨. ଓଡ଼ିଆ ଟାଇପ୍, ଲିପି ଓ ଭାଷା ତଥା ଗଦ୍ୟ ଶୈଳୀର ସେ ଥିଲେ ମୁଖ୍ୟ ତଥା ପ୍ରବର୍ତ୍ତକ ।
୨୩. ସେ ଥିଲେ ତଥା ଓଡ଼ିଆଭାଷାର ପ୍ରାଣକେନ୍ଦ୍ର ।
୨୪. ତାଙ୍କ ପାଇଁ ଓଡ଼ିଶାରେ ବହୁ କ୍ଷେତ୍ରରେ ଏକାଗ୍ରତା ସମ୍ଭବପର ହୋଇପାରିଛି ।
୨୫. ପାଇକ ନାଚ, ଗିଡ଼ିଜନମାନଙ୍କ ନାଚ ଆଦି ଲୋକକଳାକୁ ସେ ସମାଦର କରୁଥିଲେ ଏବଂ ସେ ସବୁର ଉନ୍ନତି ପାଇଁ ଉତ୍ସାହ ଦେଉଥିଲେ ।
୨୬. ଗୌରୀଶଙ୍କର ଦୃଢ଼ ଶିକ୍ଷାପ୍ରେମୀ ଥିଲେ । ତେଣୁ ଶିକ୍ଷା ଲାଭ ପାଇଁ ସେ ପୁରୁଷ ଓ ସ୍ତ୍ରୀ ସମାନଭାବେ ଅଧିକାର ପାଇବେ ବୋଲି ଦାବି କରୁଥିଲେ ।
୨୭. ସେ ନାରୀକୁ ସୃଷ୍ଟିକର୍ତ୍ତା ସହିତ ତୁଳନା କରି ସୁଉଚ୍ଚ ଆସନ ଦେଉଥିଲେ ।

ଡ. ଅରବିନ୍ଦ ଗିରି

ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ଓ ଫକୀରମୋହନ

(ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ)

୧୮୬୬ର ନଅଙ୍କ ଦୁର୍ଭିକ୍ଷ ଓଡ଼ିଶାର ଅର୍ଥନୈତିକ ମାନଦଣ୍ଡକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲା । ଲୋକମାନେ ପୋକମାଛି ପରି ମରିବା ଫଳରେ ବଞ୍ଚିରହିଥିବା ସାଧାରଣ ଜୀବନରେ ହତାଶା ନିରାଶା ପୂରାମାତ୍ରାରେ ଭରି ରହିଥିଲା । ଏଭଳି ଏକ ସନ୍ଧିକ୍ଷଣରେ ବାଲେଶ୍ୱରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ବାଲେଶ୍ୱର ଥିଲା ଆଧୁନିକ ଶିକ୍ଷାର ଜ୍ଞାନାରୁଣର ପ୍ରଥମ ବିକାଶସ୍ଥଳୀ । ଯେଉଁଠି ରାଧାନାଥ ରାୟ, ମଧୁସୂଦନ ରାଓ ଓ ଫକୀରମୋହନ ସେନାପତିଙ୍କ ସାରସ୍ୱତ ତ୍ରିବେଣୀ ସଂଗମ ଘଟିଥିଲା । ବାଲେଶ୍ୱରର ତତ୍କାଳୀନ ସଚେତନ ବ୍ୟକ୍ତିମାନଙ୍କ ମଧ୍ୟରେ ରାଜା ଗୋବିନ୍ଦ ପ୍ରସାଦ ଦାସ, ଦାମୋଦର ପ୍ରସାଦ ଦାସ ଓ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ଥିଲେ ଅନ୍ୟତମ ।

ତତ୍କାଳୀନ ଓଡ଼ିଶାର କମିଶନର ଥିଲେ ରେଭେନ୍‌ସା ସାହେବ ଏବଂ ବାଲେଶ୍ୱରର କଲେକ୍ଟର ଥିଲେ ଜନ୍ ବୀମ୍‌ସ ସାହେବ । ଫକୀରମୋହନ ସେତେବେଳେ ବାଇଶ ତେଇଶ ବର୍ଷର ଯୁବକ । ମିଶନ୍ ସ୍କୁଲର ପ୍ରଧାନ ଶିକ୍ଷକ କାର୍ଯ୍ୟ ତୁଲାଇବା ସହିତ ଓଡ଼ିଆ ଜାତୀୟ ଜୀବନର ବିକାଶ କଥା ଦିବାରାତ୍ର ଚିନ୍ତାକରି ବିହିତ କାର୍ଯ୍ୟପନ୍ଥା ମଧ୍ୟ ଗ୍ରହଣ କରୁଥିଲେ । ତାଙ୍କ ପ୍ରଚେଷ୍ଟାରେ 'ପି.ଏମ୍. ସେନାପତି ଏଣ୍ଡ କୋ- ବାଲେଶ୍ୱର ଉତ୍କଳ ପ୍ରେସ୍' ପ୍ରତିଷ୍ଠା (୧୮୬୮) ଏବଂ ପ୍ରେସ୍‌ର ମୁଖପତ୍ର 'ବୋଧଦାୟିନୀ ଓ ବାଲେଶ୍ୱର ସମ୍ବାଦବାହିକା' ସମ୍ବାଦପତ୍ର ପ୍ରକାଶ ପାଇଥିଲା । ପୂର୍ବରୁ ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ କଟକରୁ 'ଉତ୍କଳ ଦୀପିକା' (୧୮୬୬) ନାମ୍ନୀ ସମ୍ବାଦପତ୍ର ମଧ୍ୟ ପ୍ରକାଶ ପାଉଥିଲା । ଏତିକିବେଳେ ବାଲେଶ୍ୱର ଜିଲ୍ଲାସ୍କୁଲର ଓଡ଼ିଆ ସଂସ୍କୃତ ପଣ୍ଡିତ ସଦାଶିବ ନନ୍ଦଙ୍କ ଅବସର ପରେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ନାମ୍ନୀ ବଂଗୀୟ ପଣ୍ଡିତ ସଂସ୍କୃତ ଶିକ୍ଷକ ଭାବରେ ବଂଗୀୟ କର୍ମକର୍ତ୍ତାଙ୍କ ଦ୍ୱାରା ନିଯୁକ୍ତି ପାଇଥିଲେ । ଓଡ଼ିଆ ଭାଷାଜ୍ଞାନ ଅଳ୍ପ ପଣ୍ଡିତ ମହାଶୟଙ୍କର କ୍ଲାସରେ ଓଡ଼ିଆ ପାଠପଢ଼ାଇବାର ଅପାରଗତା ତାଙ୍କ ମନ ମଧ୍ୟରେ ସର୍ବଦା ଓଡ଼ିଆ ବିଦ୍ୱେଷୀ ଭାବ ସୃଷ୍ଟି କରିଥିଲା । ଫଳରେ ନିଜର ପାଣ୍ଡିତ୍ୟ ଦେଖାଇବାକୁ ଯାଇ 'ଉଡ଼ିୟା ସ୍ୱତନ୍ତ୍ର ଭାଷା ନୁହେଁ' ନାମକ ଏକ କ୍ଷୁଦ୍ର ପୁସ୍ତିକା ୧୮୭୦ ସାଲରେ ତରବର ହୋଇ ଲେଖି ପକାଇ ପ୍ରକାଶ କରିଦେଲେ । ଅବଶ୍ୟ ଏଥି ପୂର୍ବରୁ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ରାଜେନ୍ଦ୍ରର ଲାଲ ମିତ୍ର ୧୮୬୯ ମସିହା ଡିସେମ୍ବର ମାସରେ ଓଡ଼ିଶା ବୁଲି ଆସି 'କଟକ ଡିବେଟିଂ କ୍ଲବ'ରେ ଦେଇଥିବା ବକ୍ତବ୍ୟରେ ଉଲ୍ଲେଖ କରିଥିଲେ, 'ଉତ୍କଳର ଯଥାର୍ଥ ହିତାକାଂକ୍ଷୀ ଯେ ହେବ, ସେ ସର୍ବାଗ୍ରେ ଉତ୍କଳ ଭାଷା ଉଠାଇ ଦେଇ ବଙ୍ଗଭାଷା ପ୍ରଚଳନ କରିବାର ଚେଷ୍ଟାକରିବେ । ତାହାଙ୍କ ମତରେ ଯେତେକାଳ ଉତ୍କଳ ଭାଷା ଉଠି ଯାଇନାହିଁ, ସେତେକାଳ ଏ ଦେଶର ଉନ୍ନତି ହେବା ଅସମ୍ଭବ ।' (ଉତ୍କଳ ଦୀପିକା) ରାଜେନ୍ଦ୍ର ବାବୁଙ୍କ ସମ୍ମୁଖରେ ଆଧୁନିକ ରୁଚି ସମୃଦ୍ଧ ବଂଗଳା